RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -312 | ସଂଖ୍ୟା-୩୧୨
ଭୁବନେଶ୍ୱର, ଶୁକ୍ରବାର ୨୭ ଫେବୃଆରୀ ୨୦୨୬
Bhubaneswar, Friday 27 February, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



### ଡିଫେନ୍ସ , ବାଣିଜ୍ୟ ଚୁକ୍ତି , ଟେକ୍ନୋଲଜି ଟ୍ରାନ୍ସଫର

## ଭାରତ-ଇସ୍ରାଏଲ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୬।୨: ଇସ୍ରାଏଲ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ କଥା ହେବା ପରେ ଅନେକ ବଡ଼ ବଡ଼ ଘୋଷଣା କହିଛନ୍ତି। ଏଥିରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଅନ୍ତିମ ରୂପ ଦେବା, ଡିଫେନ୍ସ ଡିଲ୍ ଓ ଟେକ୍ନୋଲଜି ଟ୍ରାନ୍ସଫର ଆଦି ଅନ୍ତର୍ଭୁକ୍ତ। ପିଏମ୍ ମୋଦି କହିଛନ୍ତି ଯେ, ଭାରତ ଓ ଇସ୍ରାଏଲ ମଧ୍ୟରେ ଖୁବ୍ ଶୀଘ୍ର ମୁକ୍ତ ବାଣିଜ୍ୟ ଚୁକ୍ତି (ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ)କୁ ଅନ୍ତିମ ରୂପ ଦିଆଯିବ,ଯାହାକି ଦୁଇ ଦେଶ ପାଇଁ ଫଳପ୍ରଦ ହେବ। ନିକଟରେ ଭାରତ ୟୁରୋପୀୟ ୟୁନିୟନ ଓ ଆମେରିକା ସହ ଏଫଟିଏର ଚୁକ୍ତି କରିଛି। ପିଏମ୍ ମୋଦି କହିଛନ୍ତି , ଇସ୍ରାଏଲ ସହ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ବିକାଶ ,ଉତ୍ପାଦନ ଓ ଟେକ୍ନୋଲଜି ଟ୍ରାନ୍ସଫରର ଦିଗରେ ଆଗକୁ ବଢିବ।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ଏକ ଜଏଣ୍ଟ ପ୍ରେସ୍ ବ୍ରିଫିଂକୁ ସମ୍ବୋଧିତ କରି , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତନ୍ୟାହୁଙ୍କୁ ତାଙ୍କର ଓ ତାଙ୍କ ଡେଲିଗେସନଙ୍କର ଖୁବ୍



ଆଡ଼ମ୍ବରପୂର୍ଣ୍ଣ ସ୍ୱାଗତ ପାଇଁ ଧନ୍ୟବାଦ ଦେଇଥିଲେ। ନେସେଟ୍ ମେଡଲର ସ୍ପିକରର ପୁରସ୍କାର ମିଳିବାର ଉଲ୍ଲେଖ କରି , ପିଏମ୍ ମୋଦି କହିଥିଲେ ଯେ, ସେ ଏହି ସମ୍ମାନ ୧୪୦ କୋଟି ଭାରତୀୟ ଏବଂ ଭାରତ ଓ ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ବନ୍ଧୁତାକୁ ସମର୍ପିତ କରୁଛି। ସେ କହିଥିଲେ , ଆମର ସଂପର୍କ ଗଭୀର ଭରସା , ପାରସ୍ପରିକ ଡେମୋକ୍ରେଟିକ ମୂଲ୍ୟବୋଧର ଦୃଢ ମୂଳଦୁଆ ଉପରେ ତିଆରି ... ଆମର ସଂପର୍କ ସମୟ ସହ ଅତୁଟ ରହିଛି । ଆଜି ଆମେ ଆମର ପାର୍ଟନରସିପ୍କୁ ସ୍ପଶାଲ ଷ୍ଟ୍ରାଟେଜିକ ପାର୍ଟନରସିପ୍ର ମାନ୍ୟତା ଦେବାର ଏକ ଐତିହାସିକ ନିଷ୍ପତ୍ତି ନେଇଛୁ। ଏହି ନିଷ୍ପତ୍ତି ଉଭୟ ଦେଶର ଭିଜନକୁ ଦର୍ଶାଇ ଥାଏ। ଆଉ ମଧ୍ୟ ଅଭିଭାଷଣ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ,ସାରା ଦୁନିଆକୁ ବଦଳାଇବାକୁ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ। ଇସ୍ରାଏଲର କୃଷି ପ୍ରଣାଳୀ ଆଜି ଆମ ଦେଶର ଗ୍ରାମାଞ୍ଚଳରେ ପହଞ୍ଚିଛି। ଇସ୍ରାଏଲ୍ର ବୈଷୟିକ କୌଶଳ ଭାରତୀୟ କୃଷକଙ୍କୁ ନୂଆ ରାସ୍ତା ଦେଖାଇବ। ୧୦୦ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପାଇଁ ଭାରତ-ଇସ୍ରାଏଲ୍ ସହମତି ପ୍ରକାଶ କରିଛନ୍ତି। ଏହାସହ ମୋଦି କହିଛନ୍ତି କୌଣସି ପରିସ୍ଥିତିରେ ଆତଙ୍କବାଦକୁ ସ୍ୱୀକାର କରାଯାଇ ପାରିବ ନାହିଁ।ଆତଙ୍କବାଦ ବିରୋଧରେ ମିଳିତ ଲଢେଇ ଜାରି ରହିଛି, ଆଗକୁ ବି ରହିବ ।ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ନେଇ ଉଦ୍ୟମ ଜାରି ରହିବ। ଦୁଇ ଦେଶ ମଧ୍ୟରେ ୧୬ ଟି ଚୁକ୍ତି, ୧୧ ଟି ଘୋଷଣାନାମା ସ୍ୱାକ୍ଷରିତ ହୋଇଛି।

### ଏନସିଇଆରଟି ପାଠ୍ୟ ପୁସ୍ତକ ବିବାଦ

## ସୁପ୍ରିମକୋର୍ଟରେ କ୍ଷମା ମାଗିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୬।୨(ନି.ପ୍ର.: ଏନସିଇଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ଦୁର୍ନୀତିଗ୍ରସ୍ତ ନ୍ୟାୟପାଳିକା ବିଷୟବସ୍ତୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ଯେଉଁମାନେ ଦାୟୀ ଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କେନ୍ଦ୍ର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ଏନସିଇଆରଟିର ପାଠ୍ୟ ପୁସ୍ତକରେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ଯାହା ଉଲ୍ଲେଖ ରହିଛି ତାହା ବିଷୟ ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ । ଏହି ପ୍ରସଙ୍ଗ ଜଣାପଡ଼ିବା ପରେ ତୁରନ୍ତ ସମସ୍ତ ପୁସ୍ତକଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଛି । ସୁପ୍ରିମକୋର୍ଟ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ମାନ୍ୟ ଅଟେ । ଏଥିରେ ଯେଉଁମାନେ



ସମ୍ପୃକ୍ତ ଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଗାମୀ ଦିନରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଆଜି ସୁପ୍ରିମକୋର୍ଟରେ ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । ଏନସିଇଆରଟି ପୁସ୍ତକକୁ ନେଇ ବିବାଦ ଅଧିକ ଘନେଇବା ପରେ କେନ୍ଦ୍ର ସରକାର ନିଃସର୍ତ୍ତ କ୍ଷମା ମାଗିଛନ୍ତି ।

ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ମାମଲାରେ କଡା ଆଭିମୁଖ୍ୟ ଆପଣେଇଛନ୍ତି । ସିଜେଆଇ କହିଛନ୍ତି, ଏମିତି ଲାଗୁଛି ନ୍ୟାୟପାଳିକାକୁ ବଦନାମ କରିବା ପାଇଁ ଏକ ସୁନିୟୋଜିତ ଷଡଯନ୍ତ୍ର ରଚ଼ା ଯାଇଥିଲା । ସିଜେଆଇ ଚେତାବନୀ ଦେଇ କହିଛନ୍ତି ଯେ, ଏହି ମାମଲାରେ କୌଣସି ଦୋଷୀଙ୍କୁ ଛଡାଯିବ ନାହିଁ । ଏହି ଅବହେଳା ଏବଂ ବେପରୁଆ ପାଇଁ ଦାୟୀ ଲୋକଙ୍କୁ ସଜା ମିଳିବ ।

ଏନସିଇଆରଟି ନିକଟରେ ଅଷ୍ଟମ ଶ୍ରେଣୀ ପାଇଁ ନୂଆ ପାଠ୍ୟକ୍ରମ ଜାରି କରିଛି । ଏଥିରେ ଅଦାଲତରେ ଦୁର୍ନୀତି ପରି ପ୍ରସଙ୍ଗକୁ ନେଇ ନୂଆ ଅଧ୍ୟାୟ ଯୋଡା ଯାଇଥିଲା । ସାମାଜିକ ବିଜ୍ଞାନର ନୂଆ ପାଠ୍ୟ ପୁସ୍ତକରେ କୁହାଯାଇଛି ଯେ, ଦୁର୍ନୀତି, ପଡି ରହୁଥିବା ମାମଲା ଏବଂ ବିଚାରପତିଙ୍କ ଅଭାବ ନ୍ୟାୟିକ ପ୍ରଣାଳୀ ସାମ୍ନାରେ ଏକ ବଡ ଆହ୍ୱାନ । ନୂଆ ପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ନାମକ ଖଣ୍ଡରେ କୁହାଯାଇଛି ଯେ, ବିଚଗଡ଼ାରପତି ଏକ ଆଚାର ସଂହିତାରେ ବାନ୍ଧି ହୋଇ ରହିଥାନ୍ତି । ଏହା କେବଳ ଅଦାଲତ ଭିତରେ ନୁହେଁ ବରଂ ଅଦାଲତ ବାହାରେ ମଧ୍ୟ ଉକ୍ତ ଆଚାର ସଂହିତା ବିଚାରପତିଙ୍କୁ ନିୟନ୍ତ୍ରିତ କରିଥାଏ । ଏପରିକି ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଲୋକଙ୍କୁ ଦୁର୍ନୀତିର ସାମ୍ନା କରିବାକୁ ପଡିଥାଏ । ଗରିବ ଏବଂ ବଞ୍ଚିତ ବ୍ୟକ୍ତିଙ୍କୁ ନ୍ୟାୟ ପର୍ଯ୍ୟନ୍ତ ପହଞ୍ଚିବା ମୁସ୍କିଲ ହୋଇଥାଏ ।

## ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ

ଭୁବନେଶ୍ୱର, ୨୬/୦୨(ନି.ପ୍ର.):: ନୂଆଦିଲ୍ଲୀରେ ଓଡ଼ିଶା ଭବନର ନୂତନ ବିଲ୍ଡିଂ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ। ଏହି ନୂତନ ଭବନର ନିର୍ମାଣ ଶୈଳୀରେ ପ୍ରତିଫଳିତ ହେବ ଓଡିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ



ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ। ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ। ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡିଶା ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ମଦ ବ୍ୟବସାୟ

କେନ୍ଦ୍ରାପଡ଼ା,୨୬।୨(ନି.ପ୍ର.): ଅସାଧୁ ମଦ ବ୍ୟବସାୟୀଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ଅଙ୍ଗନବାଡ଼ି କେନ୍ଦ୍ର । ଯେଉଁଠି ଛୋଟ ଛୋଟ ଶିଶୁଙ୍କୁ ଶିକ୍ଷାଦାନ କରାଯାଉଛି, ସେଇଠି ହେଉଛି ଦେଶୀ ମଦ ବ୍ୟବସାୟ । ଆଜି କେନ୍ଦ୍ରାପଡ଼ା ଅବକାରୀ ବିଭାଗ ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଶାସନ ଅଙ୍ଗନବାଡି କେନ୍ଦ୍ରରେ ଚଢ଼ଉ କରି ୧୩ ବୋତଲ ଦେଶୀ ମଦ ଆସ୍କା ୪୦ ଜବତ କରିଛି । ଏଥିରେ ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ହିଁ ମୁଖ୍ୟ କାର୍ପଟଦାର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଶାସନ ଅଙ୍ଗନବାଡି କେନ୍ଦ୍ରରେ ମଦ ବ୍ୟବସାୟ ଚାଲିଥିବା ନେଇ ଗ୍ରାମବାସୀ ଅବକାରୀ ବିଭାଗକୁ ଜଣାଇଥିଲେ । ଆଜି କେନ୍ଦ୍ରାପଡା ଅବକାରୀ ବିଭାଗ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ାଉ କରିଥିବା ବେଳେ ସେମାନଙ୍କ ପାଖରୁ କୌଣସି ମାଦକ ଦ୍ରବ୍ୟ ମିଳିନଥିଲା । ତେବେ ଗାଁ ଲୋକେ ଅଙ୍ଗନବାଡି କେନ୍ଦ୍ରରେ ମଦ ବ୍ୟବସାୟ ହେଉଥିବା ନେଇ ଅବକାରୀ ବିଭାଗକୁ ଜଣାଇଥିଲେ । ଏହା ପରେ ବିଭାଗର ୪ ଜଣିଆ ଟିମ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଚଢ଼ଉ କରିଥିଲା । ଅଙ୍ଗନବାଡ଼ି କେନ୍ଦ୍ରରୁ ଏକ ବ୍ୟାଗ ବୋଝେଇ ୧୩ ଟି ଦେଶୀ ଆସ୍କା ୪୦ ମଦ ଜବତ କରିଥିଲା ।ଏହା ପରେ ଗ୍ରାମବାସୀ ଅଙ୍ଗନବାଡି କର୍ମୀଙ୍କୁ ଘେରି ଯାଇଥିଲେ । ଅବକାରୀ ବିଭାଗ ଅଙ୍ଗନବାଡ଼ି ସହାୟିକାକୁ ଉଦ୍ଧାର କରି ଉଦ୍ଧାର କରି ସରପଞ୍ଚଙ୍କ ଜିମା ଦେଇଥିଲା । ତେବେ ଏହି ବ୍ୟବସାୟରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଧରିବାକୁ ଅବକାରୀ ବିଭାଗ ତଦନ୍ତ ଆରମ୍ଭ କରିଛି ।

## କ୍ରିକେଟ୍ ପରେ ଚେସ୍ ସଂଘରେ କଳି

ଭୁବନେଶ୍ୱର, ୨୬/୦୨(ନି.ପ୍ର.): ଯଦି କ୍ରୀଡା ସଂଘ ଗୁଡିକ ବିବାଦରେ ଲିପ୍ତ ରହିବେ ରାଜ୍ୟରେ କ୍ରୀଡାର ଅଗ୍ରଗତି ହେବ କେମିତି ବାର୍ଷିକ ବଜେଟରେ ଏଥର ରାଜ୍ୟ ସରକାର କ୍ରୀଡା ପାଇଁ ୧୩୫୯ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । କ୍ରୀଡା ଓ କ୍ରୀଡାବିତଙ୍କ ବିକାଶରେ ଏହି ଅର୍ଥ ଖର୍ଚ୍ଚ ହେବ । କିନ୍ତୁ କ୍ରୀଡା ସଂଘର କାର୍ଯ୍ୟକର୍ତ୍ତାମାନେ ଯଦି ନିଜ ନିଜ ମଧ୍ୟରେ ଗୋଷ୍ଠୀ ବିବାଦରେ ଲିପ୍ତ ରହିବେ ତାହେଲେ ରାଜ୍ୟ ସରକାରଙ୍କ କ୍ରୀଡାକୁ ନେଇ ଯେଉଁ ମହତ ଉଦ୍ଦେଶ୍ୟ କ'ଣ ପୂରା ହୋଇପାରିବ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ନିର୍ବାଚନକୁ ନେଇ ବିବାଦ ଚାଲିଥିବାବେଳେ ଏବେ ଅଲ୍ ଓଡିଶା ଚେସ୍ ସଂଘ (ଏଓସିଏ) ମଧ୍ୟରେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ନେଇଛି ।

### ସମ୍ପାଦକଙ୍କୁ ନିଲମ୍ବନ କଲେ ସଭାପତି

ଏଓସିଏର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦକ ଦେବବ୍ରତ ଭଟ୍ଟ ଦୁଇ ଗୋଷ୍ଠୀ ହୋଇଛନ୍ତି । ପୂର୍ବରୁ ସଭାପତି ସଂଘରେ ସମ୍ପାଦକଙ୍କ ଦ୍ୱାରା ଆର୍ଥିକ ଅନିୟମିତତାର ଅଭିଯୋଗ ଆଣି ବ୍ୟାଙ୍କ ଖାତାଙ୍କୁ ଅଚଳ କରିଦେଇଥିଲେ । ପୁଣି ଭୁବନେଶ୍ୱରରେ ଗତ ୨୪ ତାରିଖରେ ସଭାପତିଙ୍କ ଅଧ୍ୟକ୍ଷତାରେ ସଂଘର କାର୍ଯ୍ୟକାରୀ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ସମ୍ପାଦକ ଭଟ୍ଟଙ୍କୁ ନିଲମ୍ବନ କରାଯାଇଛି ।

ଆସନ୍ତା ମାର୍ଚ୍ଚ ୧ ତାରିଖରେ ଅଲ୍ ଓଡିଶା ଚେସ ସଂଘର (ଏଓସିଏ) ଜରୁରି ସାଧାରଣ ବୈଠକ ବସିବ ବୋଲି ଗତ ୧୮ ତାରିଖରେ ସମ୍ପାଦକଙ୍କ ଅଧ୍ୟକ୍ଷତାରେ କଟକରେ ଅନୁଷ୍ଠିତ କାର୍ଯ୍ୟକାରିଣୀ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା । ଗତ ଡିସେମ୍ବର ୩୧ ତାରିଖରେ ସଭାପତିଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ ବସିଥିଲା । ଏଭଳି ବାଦ ବିବାଦ ମଧ୍ୟରେ ସଂଘର କାର୍ଯ୍ୟ ବନ୍ଦ ହୋଇଯାଇଛି । ଏହାର ପ୍ରଭାବ ଖେଳାଳିଙ୍କ ଉପରେ ପଡୁଛି । ଯାହାକୁ ନେଇ ଅଭିଭାବକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଜାତୀୟ ପ୍ରତିଯୋଗିତାର ଅବ୍ୟବହିତ ପୂର୍ବରୁ ରାଜ୍ୟ ପ୍ରତିଯୋଗିତା ଗୁଡିକ ଠିକ୍ ସମୟରେ ପୂର୍ବ ବର୍ଷ ଆୟୋଜିତ ହୋଇପାରି ନଥିଲା । ତେଣୁ ଖେଳାଳିମାନେ ଭଲ ଭାବେ ପ୍ରାକ୍ ପ୍ରସ୍ତୁତି କରିପାରି ନଥିଲେ । 'ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ବହୁ ପଦକ୍ଷେପ ନେଉଛନ୍ତି । କିନ୍ତୁ ରାଜ୍ୟ ସଂଘ ଗୁଡିକରେ ଏଭଳି ବିବାଦ ଯୋଗୁ ପିଲାମାନେ ପ୍ରଭାବିତ ହେଉଛନ୍ତି । ତେଣୁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଜଣେ ଖେଳାଳିଙ୍କ ମାଆ ନିଜ ନାମ ଗୋପନ ରଖି କହିଛନ୍ତି ।

ସଭାପତି ସତ୍ୟରଞ୍ଜନ କହିଛନ୍ତି, 'ମୋର ବାରମ୍ବାର ଅନୁରୋଧ ସତ୍ତ୍ୱ ସମ୍ପାଦକ ୨୦୨୪-୨୫ ବର୍ଷର ଅଡିଟ ନକରିବା, ଆର୍ଥିକ ଅନିୟମିତତା ଓ ସମ୍ବିଧାନର ଉଲ୍ଲଂଘନ ପ୍ରଭୃତି ବିଭିନ୍ନ ଅଭିଯୋଗରେ ସଂଘ ସମ୍ବିଧାନର ଧାରା ଅନୁଯାୟୀ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ କରାଯାଇଛି । ଆସନ୍ତା ୧ ତାରିଖରେ ସେ ଡକାଇଥିବା ସାଧାରଣ ପରିଷଦ ବୈଠକକୁ ସମସ୍ତ ସଦସ୍ୟ ଅବୈଧ ବୋଲି ମତ ଦେଇଛନ୍ତି ।'

'ଏତିକି କହିବି, ରାଜ୍ୟରେ ଚେସର ଅଗ୍ରଗତି ଦିଗରେ ମୁଁ କାର୍ଯ୍ୟ କରୁଛି । ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ପ୍ରତିଯୋଗିତାର ଆୟୋଜନ କରୁଛି । ମୋ ବିରୋଧରେ ଏହା ଏକ ଷଡଯନ୍ତ୍ର । ସେମାନେ ସଂଘର ବ୍ୟାଙ୍କ ଖାତା ଅଚଳ କରିଛନ୍ତି । ଟଙ୍କାଟିଏ ବି ଆର୍ଥିକ ଅନିୟମିତତା ହୋଇନି । ସେମାନେ ପ୍ରମାଣିତ କରନ୍ତୁ । ଯଦି ପ୍ରମାଣିତ ହୁଏ ତେବେ ନିଜ ପଦରୁ ଇସ୍ତଫା ଦେବା ସହ ସମସ୍ତ ଅର୍ଥର ଦୁଇ ଗୁଣା ଫେରସ୍ତ କରିବି । ସମସ୍ତଙ୍କୁ ମୋର ଅନୁରୋଧ ଓ ଆହ୍ୱାନ, ରାଜ୍ୟରେ ଚେସ୍ର ବିକାଶକୁ ଦ୍ୱନ୍ଦ୍ୱର ପ୍ରାଚୀର ହୋଇ ନୁହଁ ବରଂ ସହଯୋଗର ହାତ ବାଢ଼ି ତ୍ୱରାନ୍ୱିତ କରାନ୍ତୁ ବୋଲି ସମ୍ପାଦକ ଦେବବ୍ରତ ଭଟ୍ଟ କହିଛନ୍ତି ।

### ଶୋଭାଯାତ୍ରାରେ ବିସ୍ଫୋରଣ, ୧୦ ଆହତ

କେନ୍ଦ୍ରାପଡ଼ା,୨୬।୨(ନି.ପ୍ର.): କେନ୍ଦ୍ରାପଡ଼ା ଜିଲ୍ଲା ଗୁଲନଗର ଅଞ୍ଚଳରେ ଏକ କଳସ ଶୋଭାଯାତ୍ରାବେଳେ ଅଭାବନୀୟ ଘଟଣା ଘଟିଛି । ଶୋଭାଯାତ୍ରା ସମୟରେ ବାଣ ବିସ୍ଫୋରଣ ହୋଇ ୧୦ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ଜଣାପଡ଼ିଛି । ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । କେନ୍ଦ୍ରାପଡ଼ା ଗୁଲନଗରରେ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଚାଲିଥିଲା । ଏଥିରେ ଶତାଧିକ ମହିଳା ଏବଂ ପୁରୁଷ ସାମିଲ ହୋଇଥିଲେ । ଏହି ସମୟରେ ହଠାତ୍ ବାଣ ବିସ୍ଫୋରଣ ହୋଇଥିଲା । ଫଳରେ ୪ ଜଣଙ୍କ ସମେତ ୧୦ ଆହତ ହୋଇଥିଲେ । ତୁରନ୍ତ ସେଠାରେ ଉପସ୍ଥିତ ଥିବା ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ମାର୍ଚ୍ଚ ୨ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୨୬।୨(ନି.ପ୍ର.): ଆସନ୍ତା ମାର୍ଚ୍ଚ ୨ ତାରିଖ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ବୈଠକରେ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି ଙ୍କ ସହିତ ପରିଚାଳନା କମିଟି ସଦସ୍ୟ ମାନେ ବୈଠକରେ ଭାଗ ନେବେ। ତେବେ ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହୋଇଥିବାବେଳେ ତାରିଖ ଓ ଶୁଭ ବେଳା ସ୍ଥିର କରାଯିବ। ଏଥିସହ ଗୁଣ୍ଡିଚା ମନ୍ଦିର କେବେ ଖୋଲିବ ତାହା ମଧ୍ୟ ଚୂଡାନ୍ତ ହେବ। ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୂଳ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ମହାପ୍ରଭୁଙ୍କୁ ନୂତନ ରତ୍ନ ପଲଙ୍କ ସେଟ୍ କେବେ ବ୍ୟବହାର ହେବ ସେନେଇ ଆଲୋଚନା ହେବ। ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ ଓ ସେବକଙ୍କ ମୋବାଇଲ ଫୋନ୍ ବାରଣ, ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ମଧ୍ୟ ହେବ ଆଲୋଚନା। ନାଟମଣ୍ଡପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି।

### ଡାହୁକ



କେବେ କୋଳା କୋଳି କେବେ କୋଳାହଳ
କାଣିଚି କାଇଦା ଖେଳୁଚି ମୁଁ ଖେଳ
କରି ନିଜେ ନିଜ ନିନ୍ଦା
ବିରୋଧି କେତା ମୁଁ ବିରୋଧ କରୁଚି
କାହାକୁ ଦେବାକୁ କଡା
-ବିଧୁ

## ଲାଲ୍‌ବାହିନୀରେ ଅନ୍ତର୍ଦ୍ୱନ୍ଦ :ଡେପୁଟି କମାଣ୍ଡରଙ୍କୁ ହତ୍ୟା

ଫୁଲବାଣୀ/ବାଲିଗୁଡା/ଦାରିଙ୍ଗବାଡି, ୨୬/୦୨(ନି.ପ୍ର.): ମାଓ ସଙ୍ଗଠନ କେକେବିଏନ୍ (କନ୍ଧମାଳ, କୋରାପୁଟ, ବୌଦ୍ଧ ଓ ନୟାଗଡ)ର ଡେପୁଟି ପ୍ଲାଟୁନ କମାଣ୍ଡର ଅନ୍‌ୱେଷଙ୍କୁ ହତ୍ୟା । ସହଯୋଗୀମାନେ ତାଙ୍କୁ ହତ୍ୟା କରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟସ୍ଥ ପକାରୀ ସଂରକ୍ଷିତ ଜଙ୍ଗଲରେ ପୋତି ଦେଇଥିଲେ । ସେଠାରୁ ପୁଲିସ ଉଦ୍ଧାର କରିଛି ତାଙ୍କର ଗଳିତ ମୃତଦେହ । ତାଙ୍କୁ ସହଯୋଗୀ ଶୁକ୍ରୁ ଓ ଅନ୍ୟମାନେ ମିଶି ହତ୍ୟା କରିଥିବା ତଦନ୍ତରୁ ଜଣା ପଡିଥିବା ପ୍ରକାଶ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ ବି.ସି। ତେବେ ଅନ୍‌ୱେଷ ଆତ୍ମସମର୍ପଣ କରିବା ପାଇଁ ଚାହୁଁଥିବା ଜାଣିଲା ପରେ ତାଙ୍କ ମୁଣ୍ଡ ଗଡିଛି ବୋଲି ସୂଚନା ମିଳିଛି ।

କନ୍ଧମାଳ ପୁଲିସ ପକ୍ଷରୁ ଘନଘନ କମ୍ବିଂ ଅପରେସନ ସହିତ ଗୋଟିଏ ପରେ ଗୋଟିଏ ସଫଳତା ଯୋଗୁଁ ଲାଲ୍‌ବାହିନୀକୁ ଝଟକା ଲାଗିଛି । ଇତି ମଧ୍ୟରେ ଅନେକ ଟପ୍ କ୍ୟାଡରଙ୍କ ମୃତ୍ୟୁ ଓ ଆତ୍ମସମର୍ପଣ ମାଓ ସଙ୍ଗଠନକୁ କ୍ରମାଗତ ଦୁର୍ବଳ କରି ଚାଲିଛି । ନିକଟରେ ନିଖିଲ ଓ ଇନ୍ଦୁ ରାୟଗଡା ପୁଲିସ ପାଖରେ ଏବଂ ଅନ୍ୟତମ ପ୍ରମୁଖ ସଙ୍ଗଠକ ମମତା ଛତିଶଗଡ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ସଙ୍ଗଠନର ଅଣ୍ଟା ଦୋହଲେଇ ଦେଇଛି । ଅପରପକ୍ଷରେ, ସାମ୍ପ୍ରତିକ ପରିସ୍ଥିତି ଲାଲ୍‌ବାହିନୀରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ମଧ୍ୟ ସ୍ପଷ୍ଟ ହୋଇଛି । ରାଜ୍ୟ ପୁଲିସ ସହିତ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ଆହ୍ୱାନ ଯୋଗୁଁ ଅନେକ ସଦସ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କିନ୍ତୁ ଏହାକୁ ନେଇ ସଙ୍ଗଠନ ଭିତରେ ମତାନ୍ତର ସୃଷ୍ଟି ହେଉଛି ।

ଏହାହିଁ ଅନ୍‌ୱେଷଙ୍କ ହତ୍ୟାର କାରଣ ବୋଲି ସ୍ପଷ୍ଟ କରିଛନ୍ତି ଏସ୍‌ପି । ତାଙ୍କ ସୂଚନା ଅନୁଯାୟୀ, ଅନ୍‌ୱେଷ କେକେବିଏନ୍‌ର ଅଷ୍ଟମ କମ୍ପାନୀରେ ଡେପୁଟି ପ୍ଲାଟୁନ କମାଣ୍ଡର ଥିଲେ । ନିକଟରେ ତାଙ୍କ ମୁଣ୍ଡ ଉପରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ରାଜ୍ୟ ସରକାର । ପୁଲିସର ଲଗାତାର ମାଓ ବିରୋଧୀ ଅଭିଯାନ ସାଙ୍ଗକୁ ସଙ୍ଗଠନର ଟପ୍ କ୍ୟାଡର ଓ ସହଯୋଗୀ ମୃତ୍ୟୁମୁଖରେ ପଡିବା ଏବଂ ଆତ୍ମସମର୍ପଣ କରିବା ପରେ ଅନ୍‌ୱେଷ ମଧ୍ୟ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ୧୪ ଜଣ ସହଯୋଗୀଙ୍କ ସମେତ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ଯୋଜନା ରହିଥିଲା । କିନ୍ତୁ ତାଙ୍କର ଏହି ପଦକ୍ଷେପକୁ ବିରୋଧ କରିଥିଲେ ସଙ୍ଗଠନର ଅନ୍ୟତମ ଟପ୍ କ୍ୟାଡର ଶୁକ୍ରୁ । ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମତାନ୍ତର ହୋଇଥିଲା । ଏତେ ସଂଖ୍ୟାରେ ସାଥୀ ସଙ୍ଗଠନ ଛାଡିଲେ କନ୍ଧମାଳ ଜିଲ୍ଲାରେ ଲାଲ୍‌ବାହିନୀର ମେରୁଦଣ୍ଡ ଭାଙ୍ଗିଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା ।



ଗତ ଜାନୁଆରୀ ୨୯ରେ ଶୁକ୍ରୁ ଓ ତାଙ୍କ ସହଯୋଗୀ ଅନ୍‌ୱେଷଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ପକାରୀ ସଂରକ୍ଷିତ ଜଙ୍ଗଲରେ ପୋତି ଦେଇଥିଲେ । ପୁଲିସ ନିକଟରେ ଏ ନେଇ ଆଭାସ ଥିଲେ ମଧ୍ୟ ମୃତଦେହ ଠାବ ହୋଇ ପାରି ନଥିଲା । ମଙ୍ଗଳବାର ଜଙ୍ଗଲ ମଧ୍ୟରେ ଶବ ପଡିଥିବା ଦାରିଙ୍ଗବାଡି ପୁଲିସ ଜାଣିବାକୁ ପାଇଥିଲା । ମୃତଦେହ ଉଦ୍ଧାର କରି ଦାରିଙ୍ଗବାଡି ମେଡିକାଲ ଅଣାଯାଇଥିଲା । ଶବ ପଚ଼ି ଯାଇଥିବା ଯୋଗୁଁ ଏଠାରେ ବ୍ୟବଚ୍ଛେଦ ହୋଇ ନପାରି ବ୍ରହ୍ମପୁର ପଠାଯାଇଛି । ଘଟଣାକୁ ନେଇ ଦାରିଙ୍ଗବାଡି ଥାନାରେ ୫୮/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବୁଧବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କନ୍ଧମାଳ ଏସ୍ପି । କନ୍ଧମାଳ ପୁଲିସର ଭୟରେ ମାଓବାଦୀ ଜିଲ୍ଲା ଛାଡି ଚାଲି ଯାଉଥିବା କହିଛନ୍ତି । ଖୁବଶୀଘ୍ର ଅନ୍ୟ ମାନେ ଆତ୍ମସମର୍ପଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।ଅପରପକ୍ଷରେ, ଲାଲ୍‌ବାହିନୀରେ ଭୀଷଣ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । ଜିଲ୍ଲାକୁ ମାଓମୁକ୍ତ ଘୋଷଣା ପାଇଁ ଚଳିତ ମାର୍ଚ୍ଚ ଧାର୍ଯ୍ୟ ଲକ୍ଷ୍ୟ ରହିଥିବା ବେଳେ ଜିଲ୍ଲା ପୁଲିସ ଏ ଦିଗରେ ଆଗକୁ ବଢୁଥିବା ଜଣାପଡିଛି ।

### ଟଳିଲେ୨ ହାର୍ଡକୋର ମାଓବାଦୀ

ଛତିଶଗଡ଼:ଛତିଶଗଡ଼ର ବିଜାପୁରରେ ମାଓ ଦମନ ଅଭିଯାନରେ ସୁରକ୍ଷାକର୍ମୀଙ୍କୁ ମିଳିଛି ଏକ ବଡ଼ ସଫଳତା। ଗୁରୁବାର ସକାଳେ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ଦୁଇଜଣ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ SRL, INSAS, ବନ୍ଧୁକ ଓ ମାଓ ବିସ୍ଫୋରକ ଜବତ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା। ଗୁଇନ୍ଦା ସୂଚନା ଆଧାରରେ ଏକ ମିଳିତ ସୁରକ୍ଷା ଟିମ୍ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ।



# ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହେଲେ ବିଶିଷ୍ଟ ଅଭିନେତା ଚିନ୍ମୟ ଦାସ ପଟ୍ଟନାୟକ

ବାରିପଦା, ୨୬।୨:(ମନ୍ଥନ)ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ୨୮ ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଓ ସଂଗଠକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର, ଟ୍ରଫି ଓ ୫ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ରବୀନ୍ଦ୍ର ସମ୍ମାନ ରେ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି ମଞ୍ଚ ନାଟକ, ବେତାର, ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ସହ ଜଣେ ବଳିଷ୍ଠ ନାଟ୍ୟ ସଂଗଠକ ଭାବେ ସେ ନିଜକୁ ସୁପ୍ରତିଷ୍ଠିତ କରିପାରିଛନ୍ତି । ମୟୁରଭଞ୍ଜ ଜିଲ୍ଲାର ବାରିପଦା ବାସିନ୍ଦା ଶ୍ରୀ ଦାସ ପଟ୍ଟନାୟକଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି ଓ ମାନ୍ୟବର ବିଧାୟକ ବାବୁ ସିଂ, ଅଭିନେତା ତଥା ବିଧାୟକ ଆକାଶ ଦାସନାୟକ, ସମାଜସେବୀ ଜଗନ୍ନାଥ ପ୍ରଧାନ, ସମ୍ବାଦ ଓ କନକ ଟି ଭି ର ମୁଖ୍ୟ ତନୟା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଡଃ ଗୌରହରି ଦାସ, ଲେଖକ ଶଙ୍କର ତ୍ରିପାଠୀ, ନିର୍ଦ୍ଦେଶକ ତଥା ସଂସ୍ଥାର ସାଧାରଣ ସମ୍ପାଦକ ଧୀର ମଲ୍ଲିକଙ୍କ ଗହଣରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।




# ସୂର୍ଯ୍ୟା କନଷ୍ଟ୍ରକସନ୍ କମ୍ପାନୀର କମାଲ୍

ବଲାଙ୍ଗିର,୨୬।୨:(ମନ୍ଥନ) ଟିପିଡବ୍ଲୁଓଡିଏଲ୍ ରୁ ବିଭିନ୍ନ ଘରୋଇ ସଂସ୍ଥା ଇଲେକ୍ଟ୍ରି ମରାମତି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ବେଳେୟ ଗତ ଜାନୁୟାରୀ ମାସରେ ଟିପିଡବ୍ଲୁଓଡିଏଲ୍ ଅଧୀନରେ ଥିବା ସମସ୍ତ ଘରୋଇ କମ୍ପାନୀ ନିଜ ନିଜ କାର୍ଯ୍ୟ ଦକ୍ଷତା ଦେଖାଇଥିଲେ । ହେଲେ ସୂର୍ଯ୍ୟା କନଷ୍ଟ୍ରକସନ୍ କମ୍ପାନୀ ସମସ୍ତଙ୍କୁ ପଛରେ ପକାଇ ଜାନୁୟାରୀ ମାସରେ ୧୦୦ ରୁ ୯୫ ସ୍କୋରକାର୍ଡ଼ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ଖୁସିରେ ଆଜି ଆର୍ ଇ ସି ସେକ୍ସନ୍ ପକ୍ଷରୁ ମାଧିଆପାଲି ଗ୍ରୀଡ୍ ଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ଏସ୍ ଡି ଓ ସୁନୀଲ ସ୍ୱାଇଁ, ସେକ୍ସନ୍ ଅଫିସର୍ ସୂର୍ଯ୍ୟସ୍ନାଥ ରଥ, କମର୍ସ ଜେଇ ମନୋଜ ପାତ୍ର, ଇଏସଓବି ଆୟୁଷ ମେହେର, ରେଗୁଲାର ଲାଇନମ୍ୟାନ ପବିତ୍ର ଖୁଣ୍ଟିଆ, ଶିବପ୍ରସାଦ ମିସ୍ତ୍ରୀ, ସୁନୀଲ ବାରିକ, ରମେଶ କୁମାର ସାହୁ, ହରିହର ପଧାନ, କୃତିବାସ ପଧାନ, ସୁପରଭାଇଜର ଗୋପୀକାନ୍ତ ବେହେରା, ଦେବବ୍ରତ ନାଗ, ଦିବ୍ୟଜ୍ୟୋତି ନାଗ, କଲେକସନ ସୁପରଭାଇଜର ସୁନୀଲ ବେହେରା, ଲାଇନମ୍ୟାନ ପ୍ରିୟନାଥ ଦଣ୍ଡସେନା, ରୁତୁ ପଧାନ, ପ୍ରଶନ୍ନ ପଧାନ, ପ୍ରବୀଣ ପଧାନ, ଅଜିତ ସେଠ୍, ସୁଶାନ୍ତ ସାହୁ, ପ୍ରବୀର ସାହୁ, ସୁରୁ ସାହୁ, ରମାକାନ୍ତ ନାଏକ, ମାନୁ ପଧାନ, ଜ୍ୟୋତି ପଧାନ, ଦିଲିପ ପଧାନ, ବିଜୟ ସିଂହ, ବିଶ୍ୱାମିତ୍ର କର୍ମୀ ପ୍ରମୁଖ ଯୋଗଦେଇ କେକ୍ କାଟି ଖୁସି ମନାଇଥିଲେ ।

# ବଲାଙ୍ଗିରରେ କଳିଙ୍ଗ ହର୍ବାଲ୍ ମେଳାର ଆରମ୍ଭ

ବଲାଙ୍ଗିର,୨୬।୨:(ମନ୍ଥନ)ବଲାଙ୍ଗିର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳାର ଶୁଭାରମ୍ଭ ହୋଇଛି । ପାଞ୍ଚ ଦିନ ବ୍ୟାପୀ ଏହି ମେଳାକୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିବାଜୀ ଇସଲୱାର ଉଦ୍‌ଘାଟନ କରିଥିଲେ । ଖଣ୍ଡୀୟ ବନ ଅଧିକାରୀ ଅଜିତ ବିଶିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ, ସରକାରୀ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟ, ବଲାଙ୍ଗିର ପ୍ରଫେସର ଡା. ମନୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଏସିଏଫ ମାନସ ରଞ୍ଜନ ବେହେରା ଓ ରେଞ୍ଜ ଅଫିସର ନବୀନ କୁମାର ପଣ୍ଡା ମଞ୍ଚାସୀନ ଥିଲେୟ ଜିଲ୍ଲାପାଳ ଉଦ୍ଘାଟନୀ ଉଦ୍ବୋଧନରେ କହିଥିଲେ, ଆୟୁର୍ବେଦିକ ଔଷଧ ଓ ପ୍ରାଚୀନ ଚିକିତ୍ସା ପ୍ରଣାଳୀକୁ ଜନସାଧାରଣଙ୍କ ସହିତ ଯୋଡ଼ିବା ଏହି ମେଳାର ପ୍ରଧାନ ଉଦ୍ଦେଶ୍ୟୟ ସେ ବଲାଙ୍ଗିର ଜିଲ୍ଲାର ଜଙ୍ଗଲ ଓ ଔଷଧୀୟ ବୃକ୍ଷ ସୁରକ୍ଷାର ପ୍ରାସଙ୍ଗିକତା ଉପରେ ଜୋର ଦେଇଥିଲେ । କୋଶଳ କଳା ମଣ୍ଡପ ପଡ଼ିଆରେ ଆୟୋଜିତ ଏହି ମେଳାରେ ୫୫ଟି ଷ୍ଟଲ୍ ଖୋଲାଯାଇଛି । ରାଜ୍ୟର ୪୭ଜଣ ବୈଦ୍ୟ, କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ସହିତ ରାଜ୍ୟ ବାହାରରୁ ନାମିଦାମୀ ଆୟୁର୍ବେଦ ଔଷଧ କମ୍ପାନୀମାନେ ଅଂଶଗ୍ରହଣ କରିଛନ୍ତି । ମେଳାରେ ସର୍ବସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି । ମଧୁମେହ, ଉଚ୍ଚ ରକ୍ତଚାପ, ସ୍ତ୍ରୀରୋଗ, ଚର୍ମରୋଗ ଓ ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧି ବିଷୟରେ ବୈଦ୍ୟମାନଙ୍କ ଆଲୋଚନାଚକ୍ର, କର୍ମଶାଳା ଓ ସମ୍ମିଳନୀ ଆୟୋଜିତ ହେବ । ଏହି ହର୍ବାଲ୍ ମେଳା ଆସନ୍ତା ୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ । ଉଦଘାଟନୀ ଅବସରରେ ବନଖଣ୍ଡ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ଶତାଧିକ ବେଆଇନ ଇଟାଭାଟି ଭାଙ୍ଗିଲେ ତହସିଲଦାର

ଗୋପ,୨୬।୨:(ମନ୍ଥନ) ପୁରୀ ଜିଲ୍ଲା ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ରୁଦ୍ର ଅବତାର ଦେଖିବାକୁ ମିଳିଛି । ଏହି ତହସିଲ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ପରିବେଶ ପ୍ରଦୂଷଣ ଓ ତାପମାନ ବୃଦ୍ଧି କରୁଥିବା ବେଆଇନ୍ ଇଟାଭାଟି ଉପରେ ବୁଲ୍ଡୋଜର ସହ ଚଢ଼ାଉ କରିବା ସହ ଶତାଧିକ ବେଆଇନ ଭାଟି ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଛନ୍ତି। ବୁଧବାର ଦିନ ତମାମ ଗୋପ ତହସିଲ ଅନ୍ତର୍ଗତ ଜଙ୍ଗଲୋବରି ଆରଆଇ ସର୍କଲ ଅଧୀନ ନୟାହାଟ, ଧୁମାଳ, ନରସିଂହପୁର ଆଦି ଗ୍ରାମରେ ଚଢଉ କରି ୫୦ରୁ ଅଧିକ ବେଆଇନ ମାଟି ତିଆରି ଇଟାଭାଟି ୩ ଟି ବୁଲ୍ଡୋଜର ଜେସିବି ମେସିନ୍ ଦ୍ୱାରା ଭଙ୍ଗା ଯିବାସହ ଓ ଏକ ଦମକଳ ଗାଡି ଦ୍ୱାରା ଜଳନ୍ତା ଇଟାଭାଟି ଗୁଡ଼ିକ ନିଆଁ ଲିଭାଯାଇଛି । ରାଜ୍ୟ ସରକାରଙ୍କ ଓ ଜିଲ୍ଲା ପ୍ରଶାସନ ତଥା ଉପ ଜିଲ୍ଲାପାଳ ରାଜକିଶୋର ଜେନାଙ୍କ ନିର୍ଦ୍ଦେଶକ୍ରମେ ଦକ୍ଷ ତଥା ଯୁବ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଓ ତାଙ୍କର ରାଜସ୍ୱ କର୍ମଚାରୀଙ୍କ ସହ ଜିଲ୍ଲା ଖଣିଜ ବିଭାଗ ଅଧିକାରୀ, ଗୋପ ଥାନା ଅଧିକାରୀ, ଅଗ୍ନିଶମ ବାହିନୀ, ୨ ପ୍ଲାଟୁନ ପୋଲିସ୍ ଫୋର୍ସ ସହ ଗୋପ ତହସିଲ ଅନ୍ତର୍ଗତ ଜଙ୍ଗଲୋବରି ଆରଆଇ ସର୍କଲ ଅଧୀନ ନୟାହାଟ ଅଞ୍ଚଳରେ ଚଢାଉ କରିଥିଲେ । ଏହି ଅଞ୍ଚଳରେ ୫୦ରୁ ଅଧିକ ବେଆଇନ ଇଟାଭାଟି ଚାଲିଥିବା ବେଳେ ବିଭାଗ ପକ୍ଷରୁ ନୋଟିସ୍ କରାଯାଇଥିଲା । ହେଲେ ତାକୁ ଭ୍ରୁକ୍ଷେପ କରି ଇଟା ମାଫିଆ ମାନେ ଗ୍ରାମ, ସ୍କୁଲ୍ ଓ ବଜାର ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ୍ ଭାବେ ଇଟାଭାଟି ନିର୍ମାଣ କରି ବାୟୁ ପ୍ରଦୂଷଣ ସହ ତାପମାନ ବୃଦ୍ଧି କରି ଆସୁଥିଲେ । ଏନେଇ ମିଳିତ ଚଢାଉ କରାଯାଇ ବୁଲ୍ଡୋଜାର ଜେସିବି ମେସିନ ଦ୍ୱାରା ସମସ୍ତ ଇଟା ଭାଟି ଭଙ୍ଗା ଯିବା ସହ ଅଗ୍ନିଶମ ବାହିନୀ ଦମକଳ ଦ୍ୱାରା ନିଆଁ ଲିଭା ଯାଇଥିଲା । ଏହି ସମୟରେ ଇଟା ପକାଉଥିବା ପରିବାର ସହ ନିକଟ ଅଞ୍ଚଳର ମହିଳା ଓ ପୁରୁଷ ମାନେ ପ୍ରଶାସନକୁ ଘୋର ବିରୋଧ କରିଥିଲେ । ମେସିନ ଆଗରେ ଶୋଇ ପଡିବା ସହ ଭାଟି ଆଗରେ ଠିଆ ହୋଇ ନେହୁରା ହେଉଥିଲେ । ପ୍ରଶାସନକୁ ଗାଳି ଗୁଲଜ ମଧ୍ୟ କରିଥିଲେୟ ପରିସ୍ଥିତି ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ୍ ବାଧ ହୋଇ ପୁରୁଷ ଓ ମହିଳାଙ୍କୁ ଉଠାଇଥିଲା । ଯାହା ଫଳରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମସ୍ତ ଇଟା ଭାଟି ଭଙ୍ଗା ଯାଇଥିଲା । ବେଆଇନ୍ ଇଟାଭାଟି ନିର୍ମାଣ କରି ଅସାଧୁ ବ୍ୟବସାୟୀମାନେ ପରିବେଶ ନଷ୍ଟ କରିବା ସହିତ ବାୟୁ ପ୍ରଦୂଷଣ ଓ ବିଶ୍ୱ ତାପମାନ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ପରିବେଶବିତ ମାନେ ନିନ୍ଦା ପ୍ରକାଶ କରିଛନ୍ତି । ଏପରି ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବାରୁ ଗୋପ ତହସିଲଦାର ଓ ପୋଲିସ୍ ପ୍ରଶାସନକୁ ସାଧାରଣରେ ପ୍ରଶଂସା କରାଯାଇଛିୟ ଆଗାମୀ ଦିନରେ ଗୋପ ତହସିଲ ଅଧିନରେ ଥିବା ସମସ୍ତ ଅଞ୍ଚଳରେ ଆହୁରି ବ୍ୟାପକ ଚଢାଉ ଜାରି ରହିବ ବୋଲି ତହସିଲଦାର ଶ୍ରି ଦାଶ କହିଛନ୍ତି। ଏହି ଚଢାଉ ବେଳେ ପୁରୀ ଜିଲ୍ଲା ଖଣିଜ ଅଧିକାରୀ ସମୀର ମିଶ୍ର, ଅତିରିକ୍ତ ଖଣିଜ ଅଧିକାରୀ ବିଶ୍ୱଜିତ୍, ଗୋପ ଥାନା ଅଧିକାରୀ ଦୂର୍ଗା ଚରଣ ମହାପାତ୍ରଙ୍କ ସମେତ ସମସ୍ତ ତହସିଲ, ପୋଲିସ, ଅଗ୍ନିଶମ ଓ ଖଣିଜ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫-୨୬

ବାରିପଦା,୨୬।୨:(ମନ୍ଥନ)ଆଜି ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ଶହୀଦ୍ ସ୍ମୃତି ଭବନ, ବାରିପଦା ଠାରେ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ । ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟରେ ଆଲୋଚନା କାଳରେ ଜିଲ୍ଲାପାଳ ଶ୍ରୀ ସୟ୍ ଶିଶୁମାତୃ ମୃତ୍ୟୁହାରକୁ ସର୍ବନିମ୍ନ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ବିଭିନ୍ନ ସଚେତନତା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଆଶା ଓ ଗାଁ କଲ୍ୟାଣ ସମିତିର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ଜିଲ୍ଲାର ଜଣେ ଶ୍ରେଷ୍ଠ ଆଶାଙ୍କୁ ୧୦,୦୦୦/- ଟଙ୍କା (ପ୍ରଥମ ପୁରସ୍କାର), ୪ଜଣ ଶ୍ରେଷ୍ଠ ଆଶା (ଦ୍ୱିତୀୟ) ପୁରସ୍କାର ୯୦୦୦/-ଟଙ୍କା, ଜଣେ ଶ୍ରେଷ୍ଠ ଆଶାଙ୍କୁ (ତୃତୀୟ ପୁରସ୍କାର), ୮୦୦୦/-ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରାଯିବ । ପ୍ରତ୍ୟେକ ୨୬ ଟି ଗାଁ କଲ୍ୟାଣ ସମିତିକୁ ୧୦୦୦୦/-ଟଙ୍କା ଏବଂ ୨୨ଟି ଜନଆରୋଗ୍ୟ ସମିତିକୁ ୧୩୦୦୦/-ଟଙ୍କା ବ୍ୟାଙ୍କ ଏକାଉଣ୍ଟକୁ ଦିଆଯାଇଛି । ସେହିପରି 'ଶ୍ରେଷ୍ଠ ଆଶା ପୁରସ୍କାର, ସୁସ୍ଥ ଗାଁ ପୁରସ୍କାର, ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ପୁରସ୍କାର ବିତରଣ କରାଯାଇଥିଲା । ଆଜିର ସମ୍ମିଳନୀର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ସୁନନ୍ଦା ମିଶ୍ର, ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରୀକା ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାଃ ଶାନ୍ତନୁ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡାକ୍ତର ବି.କେ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଏନ୍‌ଏଚ୍‌ଏମ) ଅନିଲ୍ କୁମାର ମହାନ୍ତି, ଶ୍ରୀରାମ ମହାନ୍ତି, ଅଜିତ କୁମାର କୁଅଁର, ସ୍ୱର୍ଣ୍ଣଲୀକା ମହାନ୍ତି, କହ୍ନେଇ ନାୟକ, ଧନୁରାମ ମୁର୍ମୁ ଉପସ୍ଥିତ ରହିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ଆଶା, ଗାଁ କଲ୍ୟାଣ ସମିତି(ଅଙ୍ଗନୱାଡି ୱାର୍କର, ୱାର୍ଡ ମେମ୍ବର), ଜନ ଆରୋଗ୍ୟ ସମିତିର ସଦସ୍ୟବୃନ୍ଦ ଓ ସରପଞ୍ଚ ଯୋଗ ଦେଇଥିଲେ ।




# ରାହୁଲ ଗାନ୍ଧୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପ୍ରତିବାଦରେ ଏଫ୍‌ଆଇଆର୍

କଟକ,୨୬।୨:(ମନ୍ଥନ)ଦେଶର ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବା ବିଜେପିର ଏକ ଅଭ୍ୟାସଗତ ପରିଣତି ହେବାକୁ ଲାଗୁଛି ବୋଲି କଟକ ନଗର କଂଗ୍ରେସ କମିଟି ସଭାନେତ୍ରୀ ଶ୍ରୀମତୀ ଗିରିବାଳା ବେହେରା ଅଭିଯୋଗ କରିଛନ୍ତି । ଆଜି ସଭାନେତ୍ରୀଙ୍କ ନେତୃତ୍ୱରେ କଟକ ଡିସିପିଙ୍କୁ ଏକ ଏଫ୍‌ଆଇଆର୍ ପ୍ରଦାନ କରାଯିବା ସହ ବିଜେପି ନେତାଙ୍କ ଏଭଳି ଆଚରଣକୁ ତୀବ୍ର ନିନ୍ଦା କରାଯାଇଛି।ଶ୍ରୀମତୀ ବେହେରା କହିଛନ୍ତି ଯେ, ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମନ୍ତ୍ରୀ କିରେନ୍ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ । ଗଣତନ୍ତ୍ରରେ ଜଣେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କୁ ଅସମ୍ମାନ କରିବା ଦୁର୍ଭାଗ୍ୟଜନକ ଏବଂ ଏହାର ପ୍ରତିବାଦରେ କଂଗ୍ରେସ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି ।

# ଅଧୁରା ରହିଯିବ କି କୁଟାସିଂହା - କପାଶିରା ଅଙ୍ଗ ନଦୀ ସେତୁ ?

ବଲାଙ୍ଗୀର, ୨୬।୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ଅଂଚଳ ରୁ ଉଭୟ ବଲାଙ୍ଗୀର - ସୁବର୍ଣ୍ଣପୁର ଜିଲ୍ଲା କୁ ଗମନାଗମନ ରେ ଯୋଡି ବାକୁ କୁଟାସିଂହା -କପାଶିରା ମଧ୍ୟ ରେ ପ୍ରବାହିତ ଅଙ୍ଗନଦୀ ଉପରେ ଏକ ସୁ ଉଚ୍ଚ ସେତୁ ନିର୍ମାଣ କାମ ୨୦୧୯ ରେ ଆରମ୍ଭ ହୋଇଥିଲା ରାଜ୍ୟ ସରକାର ଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମଣକାରି ସଂସ୍ଥା ଆଶୀର୍ବାଦ କନଷ୍ଟ୍ରାକସନ ନିର୍ମାଣ କାମ କରୁଥିଲା ଏବଂ ୩-୩-୨୦୨୪ରେ କାଯ୍ୟ ଶେଷ କରିବାକୁ ସୂଚନା ଫଳକ ରେ ଉଲ୍ଲେଖ ରହିଥିଲା ହେଲେ ୬ ମାସ ପୂର୍ ରୁ ଗତ ୨୦୨୩ ଅଗଷ୍ଟ ମାସରୁ ସମ୍ପୃକ୍ତ ଠିକାଦାର ନିର୍ମାଣ କାମ ଅସମ୍ପୂର୍ଣ କରି କୌଣସି କାରଣ ରୁ ଛୁ ମାରିଛି । ତାହା ଏପର୍ଯ୍ୟନ୍ତ ଜଣା ପଡି ନାହିଁ ଏନେଇ ଠିକାଦାରଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ଫୋନ ଲାଗୁନାହିଁ ।ଏଠାରେ ସୂଚନା ଯୋଗ୍ୟ ଯେ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ,ବିଭାଗୀୟ କର୍ତ୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି ଦୃଷ୍ଟି ଦେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।ନଦୀ ଉପରେ ସେତୁ କାମ ପ୍ରାୟ ସରି ଯାଇଥିଲେ ହେଁ ସେତୁ ସଂଲଗ୍ନ ଉଭୟ ପାର୍ଶ୍ୱ କାମ ବାକି ରହିଛି ।ଏନେଇ ବିଭିନ୍ନ ଖବର କାଗଜରେ ଖବର ମଧ୍ୟ ପ୍ରକାସୀତ ହୋଇଛି ଏହି ବ୍ରିଜ ସମ୍ପୂର୍ଣ୍ଣ ହେଲେ ବଲାଙ୍ଗୀର ସୋନପୁର୍ ଜିଲ୍ଲା ର ଜନ ସାଧାରଣ ଉପକୃତ ହେବେ । ବିଶେଷ କରି ସଲେଭଟା, ପଟୁଆପାଲି,ଜୋଗିସର୍ଡା,ବାଦିବା ହାଲ, ମୂର୍ସୁନ୍ଧି ,କପଶିରା,ଜୁଲୁଣ୍ଡା, ଲଛିପୁର୍, ଦିଗ୍ଗିରା ଗ୍ରାମ ପଞ୍ଚାୟତ ର ସ୍ଥାନୀୟ ଲୋକ ଙ୍କ ଗମନାଗମନ ରେ ସୁବିଧା ହେବ । ଏ ଅଞ୍ଚଳର ଜଣ ସାଧାରଣ,ବୁଦ୍ଧିଜୀବୀ କହିବା ଅନୁସାରେ ଏନେଇ ବହୁବାର ସ୍ଥାନୀୟ ଜନପ୍ରତିନିଧି ଙ୍କ,ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ ଏଇ କିଛି ଦିନ ପରେ କାମ ଆରମ୍ଭ ହୋଇଯିବ ବୋଲି କହି ଭୁଆଁ ବୁଲାଉଛନ୍ତି ଫଳରେ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଅଧୁରା ରହି ଯିବ କି ଅଙ୍ଗନଦୀ ସେତୁ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ରହିଛି ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ସେତୁ ସମ୍ପୂର୍ଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।



# ପିଲା ଚୋରୀ ଗୁଜବକୁ ନେଇ ବୈଠକ

ମୋରଡ଼ା,୨୬।୨:(ମନ୍ଥନ)ପିଲା ଚୋର ଗୁଜବ ସାରା ମୟୂରଭଞ୍ଜ ଜିଲ୍ଲାରେ ଖେଳିଯାଇଥିଲା ବେଳେ, ନିକଟରେ ମୋରଡ଼ା ଥାନା ଅଞ୍ଚଳରେ ଏକ ମାନସିକ ଅନଗ୍ରସର ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା । ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଶୁଳିଆପଦା ଥାନା ପରିସର ମଧରେ ୧୬ଟି ପଞ୍ଚାୟତର ସରପଞ୍ଚ,ଶୁଳିଆପଦା ଏକ୍‌ଜୁକୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ନାରାୟଣ ହେମ୍ବ୍ରମ ଓ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ହୋଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଅଛି । କୌଣସି ମିଥ୍ୟା ସମ୍ବାଦ ଓ ଭିଡ଼ିଓ ସୋସିଆଲ ମିଡିଆରେ ସେୟାର କରନ୍ତୁ ନାହିଁ କି କୌଣସି ସନ୍ଦେହ ଜନକ ବ୍ୟକ୍ତି ବିଶେଷ କିମ୍ବା ଘଟଣା ଦେଖିଲେ ନିକଟସ୍ଥ ଥାନା କିମ୍ବା ୧୧୨ ନମ୍ବରରେ ତୁରନ୍ତ ସୂଚନା ଦିଅନ୍ତୁ, ଗୁଜବକୁ ବିଶ୍ୱାସ କରୀ ଆଇନକୁ ନିଜ ହାତକୁ ନିଅନ୍ତୁ ନାହିଁ ବୋଲି ଥାନା ଅଧିକାରୀ ସତ୍ୟନାରାୟଣ ବଳ ମତପ୍ରକାଶ କରୁଥିଲେ । ସମସ୍ତ ସରପଞ୍ଚ ନିଜ ନିଜ ପଞ୍ଚାୟତରେ ଯାଇ ଜନ ସାଧାରଣଙ୍କୁ ସଚେତନ କରାଇବେ ବୋଲି ପ୍ରକାଶ କରିଛନ୍ତି।



# ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ ବୁଗୁଡାରେ ପହଞ୍ଚିଛି

ବୁଗୁଡ଼ା :ତା ୨୬/୦୨/୨୬ : ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ ଏପ୍ରିଲରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ କେତେକ ଶ୍ରେଣୀର ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି ୟ ଆସନ୍ତା ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛିୟ ତେବେ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ ବହି ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀର ଗଣିତ ଖେଳ ୧୩୦୦ ଖଣ୍ଡ , ଦ୍ୱିତୀୟ ଶ୍ରେଣୀର ମଜାମଜାରେ ଗଣିତ ୧୪୫୦ ଖଣ୍ଡ , ତୃତୀୟ ଶ୍ରେଣୀର ଭାଷା ମହକ-୧ମ ଭାଗ ୧୫୦୦ ଖଣ୍ଡ , ଷଷ୍ଠ ଶ୍ରେଣୀର ସାହିତ୍ୟ ଶୁଦ୍ଧା ୧୭୫୦ ଖଣ୍ଡ , ହିନ୍ଦୀ କଳିକା ୭୦୦ ଖଣ୍ଡ ଓ କୌଶଳ ବୋଧ ୭୦୦ ଖଣ୍ଡ ବହି ରହିଛିୟ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସମସ୍ତ ବହି ଆସିବାକୁଥିବା ବେଳେ ବାର୍ଷିକ ପରୀକ୍ଷା ପରେ ନୂତନ ଶିକ୍ଷାବର୍ଷ ବେଳକୁ ସ୍ଥାନୀୟ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୦ଟି ଉଚ୍ଚ ପ୍ରାଥମିକ ଓ ୧୮ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛିୟ

# ବଳଙ୍ଗା ଥାନା ଅଞ୍ଚଳରେ ସାଇବର ଠକଙ୍କ ଆର୍ବିଭାବ ନେଇ ପୋଲିସକୁ ତଥ୍ୟ, ତଦନ୍ତ ଜୋରଦାର

ବଳଙ୍ଗା,୨୬।୨:(ମନ୍ଥନ)ବଳଙ୍ଗା ଥାନା ଅଞ୍ଚଳରେ ଏବେ ସାଇବର ଲୁଟେରାଙ୍କ ଚେର ଲମ୍ବି ଚାଲିଥିବା ପୋଲିସକୁ ତଥ୍ୟମିଳିଛି । ଯାହାଫଳରେ ପୋଲିସ ଘଟଣାର ତୁରନ୍ତ ତଦନ୍ତ ଆରମ୍ଭ କରିଛି ମାତ୍ର ଅଭିଯୁକ୍ତର ପତା ମିଳିପାରିନାହିଁ । ଯେଉଁ ବ୍ୟାଙ୍କ ଆକାଉଂଟ ଜରିଆରେ ୩୦ ହଜାର ଟଙ୍କା ଠକେଇ ହୋଇଛି ସେହି ଆକାଉଂଟ ଧାରକଙ୍କ ପରିଚୟ ବାବଦରେ ବ୍ୟାଙ୍କ ତରଫରୁ ମଧ୍ୟ ତଦାରଖ ଆରମ୍ଭ ହୋଇଯାଇଛି । କଟକ ସିଆଇଡି କ୍ରାଇମବ୍ରାଞ୍ଚର ତଥ୍ୟ ମୁତାବକ ବଳଙ୍ଗା ଥାନା ଅଞ୍ଚଳର ବନ୍ଧମୁଣ୍ଡା ଗ୍ରାମର ଭାନୁମତି ଦେବିଙ୍କ ବ୍ୟାଙ୍କ ଆକାଉଂଟରେ ସନ୍ଦେହଜନକଭାବେ ୩୦ ହଜାର ଟଙ୍କା ଜମା ହୋଇଥିବା ସିଆଇଡି କ୍ରାଇମବ୍ରାଞ୍ଚ ପକ୍ଷରୁ ବଳଙ୍ଗା ପୋଲିସକୁ ସୁଚନା ଦିଆଯାଇଥିଲା । ତଦନୁଯାୟୀ ବଳଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁ ଏନେଇ ଥାନାରେ ମକଦମା ପିକରଣ କରି ଥାନା ଏସ୍.ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଓ ଏ.ଏସ୍.ଆଇ ରତ୍ନାକର ବେହେରାଙ୍କୁ ତଦନ୍ତ ଦାୟିତ୍ୱ ଅର୍ପଣ କରିଥିଲେ । ବୁଧବାର ଦିନ ଏ.ଏସ୍.ଆଇ ରତ୍ନାକର ବେହେରା ବନ୍ଧମୁଣ୍ଡା ଗ୍ରାମକୁ ଯାଇ ଭାନୁମତି ଦେବୀଙ୍କ ସଂମ୍ପର୍କରେ ତଦନ୍ତ ଆରମ୍ଭ କରିବାରେ ସ୍ଥାନିୟ ଅଞ୍ଚଳ କିମ୍ବା ଉଲ୍ଲେଖ ଥିବା ତାଙ୍କ ଗ୍ରାମରେ ତାଙ୍କର କୌଣସି ପତା ମିଳିନଥିଲା । ତେବେ ଭାନୁମତୀ ଦେବୀ ଜଣେ ଅଜଣା ସାଇବର ଠକ ଓ ଅପରାଧୀ ତଥା ଅପରାଧିକ କାର୍ଯ୍ୟକଳାପ ଓ ଆଉକେତେକ ସହଯୋଗୀଙ୍କ ସହ ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ତଥା ସ୍ଥାନୀୟ ଲୋକବୋଲି ପରିଚୟ ଦେଇ ଲୋକମାନଙ୍କୁ ଠକୁଥିବା ନେଇ ପୋଲିସ ତାର ପ୍ରାଥମିକ ତଦନ୍ତ ରୁ ସୁଚନା ପାଇପାରିଛି । ଯାହାଫଳରେ ଏହାକୁ ନେଇ ପୋଲିସର ଅନୁସଂଧାନ କାର୍ଯ୍ୟକଳାପ ତ୍ୱରାନ୍ୱୀତ ହୋଇଥିବାବେଳେ ଖୁବ ଶୀଘ୍ର ଘଟଣାର ପର୍ଦାଫାସ ହୋଇପାରିବ ବୋଲି ପୋଲିସ ଆଶା ବାଦୀ ଅଛି ।

# ଗୋପରେ ପଞ୍ଚସଖା ଭକ୍ତ ବଳରାମ ଦାସ ସମାଧି ପୀଠରେ ଲକ୍ଷ୍ମୀ ମନ୍ଦିର ନିର୍ମାଣ ପ୍ରସ୍ତାବ ଗୃହୀତ

ଗୋପ, ୨୬।୨:(ମନ୍ଥନ) ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ଐତିହ୍ୟର ଏକ ଉଜ୍ଜ୍ୱଳ ପ୍ରତୀକ ଭାବେ ପରିଚିତ ପଞ୍ଚସଖା ଭକ୍ତ ବଳରାମ ଦାସଙ୍କ ସମାଧି ପୀଠରେ ଏକ ଭବ୍ୟ ଲକ୍ଷ୍ମୀ ମନ୍ଦିର ନିର୍ମାଣର ପ୍ରସ୍ତାବକୁ ସର୍ବସମ୍ମତିରେ ଗ୍ରହଣ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଏହି ପବିତ୍ର ସ୍ଥାନକୁ ଗସ୍ତ ସମୟରେ ଏହି ଐତିହାସିକ ନିଷ୍ପତ୍ତି ନିଆଯାଇଛି, ଯାହା ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ସୃଷ୍ଟି କରିଛି ।ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ଗୋପ ବ୍ଲକର ସମସ୍ତ ପଞ୍ଚାୟତର ଭକ୍ତଗଣ, ଶ୍ରଦ୍ଧାଳୁମାନେ ଏବଂ ନେତୃବୃନ୍ଦ ଉପସ୍ଥିତ ରହି ସରକାରୀ ପ୍ରକଳ୍ପଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସମାବେଶରେ ସମାଧି ପୀଠରେ ଏକ ଦିବ୍ୟ ଓ ଭବ୍ୟ ଲକ୍ଷ୍ମୀ ମନ୍ଦିର ନିର୍ମାଣର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା, ଯାହାକୁ ପଞ୍ଚସଖା ଭକ୍ତ ବଳରାମ ଦାସ ସମାଧି ପୀଠ ପରିଚାଳନା ସମିତି ସର୍ବସମ୍ମତିରେ ଗ୍ରହଣ କରିଛି । ଏହି ମନ୍ଦିରର ଶୁଭାରମ୍ଭ ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ହେବାକୁ ନିର୍ଦ୍ଧାରିତ ହୋଇଛି, ଏବଂ ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବେ ପ୍ରସିଦ୍ଧ ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା । ତାଙ୍କର କୁଶଳତା ଏହି ମନ୍ଦିରକୁ ଏକ କଳାତ୍ମକ ମାଷ୍ଟରପିସ୍ରେ ପରିଣତ କରିବ ବୋଲି ଆଶା କରାଯାଉଛି ।ପରିଚାଳନା ସମିତି ପକ୍ଷରୁ ଏକ ଅନନ୍ୟ ଉଦ୍ୟମରେ ଗୋପ ବ୍ଲକ୍ର ପ୍ରତ୍ୟେକ ପରିବାରର ଅଗଣାରୁ ଆଶୀର୍ବାଦଯୁକ୍ତ ମୃତ୍ତିକା ସଂଗ୍ରହ କରି ଭିତ୍ତିପ୍ରସ୍ତର ସ୍ଥାପନା ସମୟରେ ବ୍ୟବହାର କରିବାକୁ ଆହ୍ୱାନ ଦିଆଯାଇଛି । ଏହା ଦ୍ୱାରା ମନ୍ଦିର ନିର୍ମାଣରେ ସ୍ଥାନୀୟ ଅଞ୍ଚଳର ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ ହେବ ଏବଂ ଏହା ଏକ ସାମୂହିକ ଆଶୀର୍ବାଦର ପ୍ରତୀକ ହେବ। ଏଥିପାଇଁ ସମସ୍ତ ପଞ୍ଚାୟତର ସ୍ଥାନୀୟ ନେତୃତ୍ୱମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି, ଯାହା ଏହି ପ୍ରକଳ୍ପର ସଫଳତାକୁ ଆହୁରି ମଜବୁ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ସମାବେଶରେ ପରିଚାଳନା ସମିତିର ସମସ୍ତ ସଦସ୍ୟମାନେ, ତହସିଲଦାର, ସାଂସଦଙ୍କ ପ୍ରତିନିଧି, ସରପଞ୍ଚମାନେ, ସମିତି ସଭ୍ୟମାନେ, ବ୍ଲକ୍ ଉପାଧକ୍ଷ, ଜିଲ୍ଲା ପରିଷଦ ସଭ୍ୟମାନେ ଏବଂ ବ୍ଲକ୍ର ଅନେକ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ । ଏମାନଙ୍କର ସମର୍ଥନ ଏହି ପ୍ରକଳ୍ପକୁ ଏକ ସାମୂହିକ ଉଦ୍ୟମରେ ପରିଣତ କରିଛି । ସରକାରୀ ସହାୟତାରେ ଆଗକୁ ବଢ଼ିବାକୁ ଥିବା ଏହି ପ୍ରକଳ୍ପ ଗୋପ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହା ନା କେବଳ ଭକ୍ତମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବ, ବରଂ ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ନୂତନ ଉଚ୍ଚତା ପ୍ରଦାନ କରିବ । ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଏହି ଅଞ୍ଚଳରେ ନୂତନ ଆଶାର କିରଣ ସୃଷ୍ଟି କରିଛି, ଯାହା ଆଗାମୀ ଦିନରେ ଏକ ବିରାଟ୍ ଧାର୍ମିକ କେନ୍ଦ୍ରର ରୂପରେଖା ରଚନା କରିବ ।



# ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କୁ ବିଭିନ୍ନ ଅପଶବ୍ଦ ପ୍ରୟୋଗ କରି ଅସମ୍ମାନ କରିଥିବା ନେଇ ବିଜେପି ନେତାଙ୍କ ବିରୁଦ୍ଧରେ ଏତଲା

ଅନୁଗୋଳ,୨୬।୨:(ମନ୍ଥନ)ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରୁ ଏକତ୍ରିତ ହୋଇ ଶତାଧିକ କଂଗ୍ରେସ ନେତା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜୁ ଓ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିରୁଦ୍ଧରେ ଲୋକସଭା ବୀରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବିଭିନ୍ନ ପ୍ରକାର ଅପଶବ୍ଦ ପ୍ରୟୋଗ କରି ଲୋକସଭା ଓ ବାହାରେ ଅସମ୍ମାନ କରିବା ସହ ତାଙ୍କୁ ମିଛ କହି ବଦନାମ କରୁଥିବା ନେଇ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଗିରଫ କରିବା ପାଇଁ ସ୍ଥାନୀୟ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଏତଲା ପ୍ରଦାନ କରିଥିଲେ । ଉକ୍ତ ଏତଲାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା ଗ୍ରହଣ କରିଥିଲେ । ଆଜିର ଏହି ଏତଲା ପ୍ରଦାନ ସମୟରେ ଜିଲ୍ଲାର ଶତାଧିକ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଗ୍ରାମାଞ୍ଚଳ ଫୁଟବଲ ଲିଗ୍ କାଇଁଶିରିପାଲି ନାଲକୋକୁ ହରାଇ ଚମ୍ପିୟାନ

ଅନୁଗୋଳ, ୨୬।୨:(ମନ୍ଥନ)ଗତ ଏକମାସ ଧରି ପିଟିସି ପଡ଼ିଆରେ ଆୟୋଜିତ ଅନୁଗୋଳ ଗ୍ରାମାଞ୍ଚଳ ଫୁଟବଲ ଲିଗ୍ ରେ କାଇଁଶିରିପାଲି,ପାଲଲହଡ଼ା ୪-୦ ଗୋଲ ରେ ନାଲକୋ ଫୁଟବଲ କ୍ଲବକୁ ପରାସ୍ତ କରି ଚମ୍ପିୟାନ ହୋଇଛି । ଖେଳ ପରିଚାଳନା କରିଥିଲେ ଶ୍ରୀମୁଖ ଗଡ଼ନାୟକ । ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଚମ୍ପିୟାନ ଦଳକୁ ନଗଦ ୩୧ ହଜାର ଟଙ୍କା ଓ ଟ୍ରଫି ଏବଂ ରନରସ୍‌ଅପ୍ ଦଳକୁ ୨୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ଫୁଟବଲ କୋଚ ଶୁଭେନ୍ଦୁ ଜେନା , ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ବିଜେପି ନେତା ଦିଲ୍ଲିପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ୟ ଅନୁଗୋଳ ଫୁଟବଲରସ ଆସୋସିଏସନ୍ ର ସଭାପତି ପବନା ସାହୁ, ସମ୍ପାଦକ ଶୁଭ୍ରାଂଶୁ ସାହୁ ଙ୍କ ସମେତ ରୁଚିର ଦାସ, ରମେଶ ସାହୁ, ଯୁଧିଷ୍ଠିର ସେଠ, ମାନସ ସାମଲ , ବିନୋଦ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ରେ ସହାୟତା କରିଥିଲେ । ଅତିଥି ମାନେ ପୂର୍ବତନ ଖେଳାଳି ମାନଙ୍କୁ ମଧ ପୁରସ୍କୃତ କରିଥିଲେ ।



# ଖରିଫ ୨୦୨୫-୨୬ ବର୍ଷ ର ଧାନ ସଂଗ୍ରହ ସମ୍ବନ୍ଧୀୟ ସମୀକ୍ଷା ବୈଠକ

ଜଗତସିଂହପୁର,୨୬।୨:(ମନ୍ଥନ)ଆଜି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ,ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲା ରେ ଧାନ ମଣ୍ଡି ଖୋଲିବା ତଥା ଧାନ କିଣା ବିଷୟ ରେ ସମୀକ୍ଷା କରିଥିଲେ।ଧାନର ଉଚ୍ଚ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି । ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ ବୋଲି ସେ ଯୋଗାଣ ଅଧିକାରୀ ଙ୍କୁ କହିଥିଲେ । ଚଳିତ ବର୍ଷ କଟନି ଛଟନି ପାଇଁ କୌଣସି ସହନଶୀଳତା ନାହିଁ । ଧାନ ସଂଗ୍ରହ ବେଳେ ମିଲର୍ ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ରେ ମିଲର ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇଦେବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ । ଏଥିସହିତ ଜିଲ୍ଲା ର ଯୁବ ଉଦ୍ୟୋଗୀ ମାନଙ୍କୁ ମଧ୍ୟ ମିଲର ହେବାପାଇଁ ଉପଦେଶ ଦେଇଥିଲେ।ମଡେଲ ମଣ୍ଡି ର ସ୍ଥା କରିବାପାଇଁ ଜିଲ୍ଲାପାଳ ଙ୍କୁ ପରାମର୍ଶ ଦେଇଥିଲେ । ଗତ ୨୦ ମାସ ମଧ୍ୟରେ କୃଷକ ବନ୍ଧୁ ମାନେ ଖୁସି ଅଛନ୍ତି ତଥା କୌଣସି



ଚାଷୀ ଆତ୍ମହତ୍ୟା ର ଉଦାହରଣ ନାହିଁ । ଏହାଛଡା ଜିଲ୍ଲା ରେ ମନୋନୀତ ମିଲର ମାନଙ୍କୁ ସେମାନଙ୍କ ଜଣାଶୁଣା ରେଥିବା ଅନ୍ୟ ମିଲର୍ ମାନଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବା ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାପାଳ ତଥା ଯୋଗାଣ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ କହିଲେ ଯେ, ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି । ଏଥିସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ସେ ଉପଦେଶ ଦେଇଥିଲେ । କୌଣସି ଅସୁବିଧା ର ସମ୍ମୁଖୀନ ହେଲେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ।୨୦୨୫-୨୬ ଖରିଫ୍ ଋତୁ ପାଇଁ ମୋଟ୍ ୪୯୬୮୫ କୃଷକ ପଞ୍ଜୀକୃତ କରିଛନ୍ତି । ଗତ କାଲି ସୁଦ୍ଧା ଜିଲ୍ଲାରେ ସର୍ବମୋଟ୍ ୧୧୩ ଟି ମଣ୍ଡିରେ ୨୦ ଜଣ ମିଲର୍ ଅଂଶ ଗ୍ରହଣ କରି ୬,୩୯,୩୨୨.୧୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଛନ୍ତି । ୧୬,୫୦୨ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୪,୪୫୯ ଜଣ ସରକାରଙ୍କ ନିର୍ଦ୍ଧାରିତ ଏମ ଏସ ପି ମୂଲ୍ୟ ପ୍ରାପ୍ତ କରିସାରିଛନ୍ତି । ଗତ ବର୍ଷ ଜିଲ୍ଲାରେ ୧୭,୧୪,୯୦୩.୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୧୮ ରୁ ୧୯ ଲକ୍ଷ ଧାନ ସଂଗ୍ରହ ପାଇଁ ଟାର୍ଗେଟ ପ୍ରାପ୍ତ ପାଇଁ ପ୍ରଚେଷ୍ଟା କରାଯାଉଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ,ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ , ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଜିଲ୍ଲା ଯୋଗାଣ ଅଧିକାରୀ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ , ସହକାରୀ ନିବନ୍ଧକ କୋ ଅପରେଟିଭ ସୋସାଇଟି, ଜିଲ୍ଲା ପଞ୍ଚାୟତ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ସମସ୍ତ ବିଡିଓ,ମିଲର, ବୁଦ୍ଧିଜୀବି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ବୈଠକ ରେ ଅଂଶ ଗ୍ରହଣ କରିଥିଲେ ।

# ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଙ୍କ ଏକାଦଶ ଜିଲ୍ଲାପରିଷଦ ବୈଠକ

ବଲାଙ୍ଗିର,୨୬।୨:(ମନ୍ଥନ) ବଲାଙ୍ଗିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅଧକ୍ଷା ଦେବକୀ ସାହୁଙ୍କ ସଭାପତିତ୍ୱରେ ଏକାଦଶ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରବ୍ଦ ଶିବାଜୀ ଇସଲୱାର, ଉପାଧ୍ୟକ୍ଷ୍ୟା ମିଥିଳା ମାଝି, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ସମେତ ଜିଲ୍ଲାପରିଷଦର ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତିର ଅଧକ୍ଷ, ଅଧକ୍ଷ୍ୟା, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପରିଷଦର ଅଧକ୍ଷା ଶ୍ରୀମତୀ ସାହୁ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରି, ଉନ୍ନୟନ ଓ ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ସମନ୍ୱୟରେ କାମ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପ୍ରାଥମିକ ଓ ଗଣଶିକ୍ଷା ବିଭାଗ ସମ୍ପର୍କରେ ଖାଲି ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ, ଶିକ୍ଷକ ସ୍ଥିତି ଓ ବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋଚନା ହୋଇଥିଲା । ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ଭତ୍ତା ଓ



ସହାୟତା ପ୍ରଦାନ ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ମନୋନିବେଶ କରାଯାଇଥିଲା । କୃଷି ବିଭାଗ ଦ୍ୱାରା ଚଳିତ ରବି ଚାଷ ସମ୍ପର୍କିତ ବ୍ୟବସ୍ଥା ଓ ସମସ୍ୟା, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ପାଇପ ଜଳ ପ୍ରକଳ୍ପର ଅଗ୍ରଗତି, ଅଚଳ ନଳକୂପ ମରାମତି ଓ ନୂତନ ନଳକୂପ ଖୋଳନ ଉପରେ ବିଶେଷ ଆଲୋଚନା ହୋଇଥିଲା । ଅଙ୍ଗନବାଡି ଗୃହ ନିର୍ମାଣ ସମ୍ପର୍କରେ ସଂପୂର୍ଣ୍ଣ ହୋଇଥିବା ଗୃହକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ଅସଂପୂର୍ଣ୍ଣ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିକ୍ଷକ ସ୍ଥିତି, ଛାତ୍ରାବାସ ପରିଚାଳନା ଓ ନୂତନ ଛାତ୍ରାବାସ ଅଗ୍ରଗତି ଉପରେ ମନୋନିବେଶ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ସିଏଚସି ଓ ପିଏଚସିରେ ନୂତନ କୋଠା ନିର୍ମାଣ, ଡାକ୍ତରଙ୍କ ସ୍ଥିତି ଓ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଏହା ସହିତ ଉଠା ଜଳ ସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲା ପରିଷଦ ବୈଠକ ଉପଯୁକ୍ତ ସମୟରେ ଅନୁଷ୍ଠିତ ହେବା, ଜିଲ୍ଲା ପରିଷଦ ର ବିଭିନ୍ନ ସବ କମିଟି ଗୁଡିକର ବୈଠକ ନିୟମିତ ବ୍ୟବଧାନରେ ଆୟୋଜନ କରିବା ସହ ଜିଲ୍ଲା ପରିଷଦ ର ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତି ର ଅଧକ୍ଷ, ଅଧକ୍ଷ୍ୟା ମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର,୨୬।୨:(ମନ୍ଥନ)ଜଗତସିଂହପୁର ଜିଲ୍ଲା ସ୍ତରୀୟ ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ମାସ ୧୪ ତାରିଖରେ ସମସ୍ତ ଅଦାଲତ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଦୁର୍ଘଟଣା ଦାବି ସମ୍ବଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରାଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ୍, ବ୍ୟାଙ୍କ ଋଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ, ସାଲିସ୍ ଯୋଗ୍ୟ ଟ୍ରାଫିକ ଚାଲାଣ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ , ଯଦି କୌଣସି ବିଚାରାଧିନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ନିଶାମାଫିଆଙ୍କୁ କାବୁ କଲା ଅବକାରୀ ବିଭାଗ ୨୩ ଗ୍ରାମର ହେରୋଇନ ଜବତ

ବଲାଙ୍ଗୀର,୨୬।୨:(ମନ୍ଥନ) ୨୬ ତାରିଖ ଗୁରୁବାର ଦିନ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଜଗତସିଂହପୁର ଥାନା ଅନ୍ତର୍ଗତ ଲାଲାସାହି ଗ୍ରାମର ଉମେଶ ସିଂ ଙ୍କ ପୁଅ ମଦନ ମୋହନ ସିଂ (୩୪) ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚଳାଉ ଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ ଙ୍କ ନେତୃତ୍ୱରେ ଏକ ଟିମ ଅଭିଯୁକ୍ତ ଙ୍କୁ ପିଛା କରୁଥିବା ବେଳେ ଅଭିଯୁକ୍ତ ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟ ରେ ଆତ୍ମଗୋପନ ଉଦ୍ଦେଶ୍ୟ ରେ ପଶିଯାଇଥିଲେ । ସେଠାରୁ ଅଭିଯୁକ୍ତ ଜଣଙ୍କୁ କାବୁ କରିନେଇଥିଲେ ପିଛା କରୁଥିବା ଟିମ୍ । ଯାଞ୍ଚ ପରେ ତାଙ୍କ ନିକଟରୁ ୨୩ ଗ୍ରାମର ବେଆଇନ ହେରୋଇନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୨,୩୦,୦୦୦ ଟଙ୍କା ହେବ । ଆଜିର ଏହି ଚଢାଉ ରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ର ଏ ଏସ୍ ଆଇ ସନ୍ତୋଷ ନାୟକ, ଏ ଏସ୍ ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତ ଙ୍କୁ ଅଦାଲତ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ କୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

# ଜଗନ୍ନାଥ ଡିଗ୍ରୀ କଲେଜ ସାହାଜବାହାଲରେ ଆତ୍ମରକ୍ଷା କୌଶଳ ଉଦ୍‌ଯାପିତ

ବଲାଙ୍ଗିର, ୨୬।୨:(ମନ୍ଥନ)ଜଗନ୍ନାଥ କଲେଜ ସାହାଜବାହାଲ ଗତ ତା.୧୦.୦୨.୨୦୨୬ ରୁ ଚାଲିଥିବା ଆତ୍ମ ସୁରକ୍ଷା କୌଶଳ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନି ଉତ୍ସବରେ କଲେଜର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ଦଶ ଦିନ ପର୍ଯ୍ୟନ୍ତ ଯେଉଁ ଟ୍ରେନିଂ ନେଇ ତାକୁ ସବୁ ଦିନ




ଅଭ୍ୟାସ କରିବ ଏବଂ ସମାଜରେ ଦୈନନ୍ଦିନ ଘଟୁଥିବା ଆକ୍ରମଣରୁ ନିଜେ ସୁରକ୍ଷିତ ରହିପାରିବେ ବୋଲି କହିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଶାନ୍ତନୁ କୁମାର ପାତ୍ର ଆତ୍ମରକ୍ଷା କୌଶଳର ନୀତି ବିଷୟରେ ଓ ଘରୋଇ ହିଂସା, ଲୁଟେରା ଙ୍କ ଠାରୁ ପରାମର୍ଶ ଦେଇଥିଲେ। ଏହି ଛାତ୍ରୀମାନଙ୍କୁ ଟ୍ରେନିଂ ଦେଇଥିଲେ ମାଷ୍ଟର ଟ୍ରେନର ପୂଜା ମହାନନ୍ଦ ଓ ସଙ୍ଗୀତା ଘିଭେଲା। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ପ୍ରମୋଦ କୁମାର ବରାଡ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅରିଲୋ ମେଳଣରେ ବାଣ ଓ ଡିଜେ ସମ୍ପୂର୍ଣ୍ଣ ନିଷେଧ ଶାନ୍ତି ଶୃଙ୍ଖଳା ପାଇଁ କଟକ ସଦର ଥାନାରେ ପୋଲିସ-ଶାନ୍ତି କମିଟି ବୈଠକ

ଫୁଲନଖରା,୨୬।୨:(ମନ୍ଥନ):କଟକ ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଅରିଲୋ ମେଳଣ ଆସନ୍ତା ମାର୍ଚ୍ଚ ମାସ ୧ ତାରିଖ ତ୍ରୟୋଦଶୀ ତିଥି ସନ୍ଧ୍ୟାରେ ଭବ୍ୟ ଭାବେ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରତିବର୍ଷର ନିୟମ ଅନୁଯାୟୀ ଏହି ଐତିହ୍ୟବାହୀ ମେଳଣରେ ଅନ୍ୟୁନ ୬୦ଟି ଦୋଳ ବିମାନ ଯୋଗଦେବା ସହ ୧୦,୦୦୦ରୁ ଅଧିକ ଭକ୍ତ ଓ ଦର୍ଶନାର୍ଥୀଙ୍କର ବିପୁଳ ସମାଗମ ହେବାର ଆଶା କରାଯାଉଛି। ଅଞ୍ଚଳର ଧାର୍ମିକ ଓ ସାମ୍ପ୍ରଦାୟିକ ଏକତାର ପ୍ରତୀକ ଭାବେ ପରିଚିତ ଏହି ମେଳଣକୁ ନିର୍ବିଘ୍ନ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ପ୍ରଶାସନ ଓ ଶାନ୍ତି କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ।ଏହି ପରିପ୍ରେକ୍ଷିତରେ କଟକସଦର ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତସେଠୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମସ୍ତ ଠାକୁରଙ୍କ ମାର୍ଫତଦାର, ବରିଷ୍ଠ ମୁରବି ଓ ଗ୍ରାମ୍ୟ କମିଟି ସଦସ୍ୟମାନେ ଯୋଗଦେଇ ମେଳଣର ସୁରୁଖୁରୁ ବ୍ୟବସ୍ଥା ପାଇଁ ମତାମତ ରଖିଥିଲେ । କମିଶନରେଟ୍ ପୋଲିସ ପକ୍ଷରୁ ଅତିରିକ୍ତ ଡିସିପି ଅମରେନ୍ଦ୍ରପଣ୍ଡା ଉପସ୍ଥିତ ରହି ଆଇନ-



ଶୃଙ୍ଖଳା ସମ୍ପର୍କିତ ମୁଖ୍ୟ ନିର୍ଦ୍ଦେଶ ଜାରି କରିଥିଲେ । ମେଳଣ ସମୟରେ ଡିଜେ ସାଉଣ୍ଡ ସିଷ୍ଟମ୍ ଓ ବିସ୍ଫୋରକ ବାଣର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବା ସହ ସମସ୍ତେ ନିଜନିଜ ମଧ୍ୟରେ ସମନ୍ୱୟ ରଖି ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବାକୁ ଅତିରିକ୍ତ ଡିସିପି ଅନୁରୋଧ କରିଥିଲେ । ଆସନ୍ତା ଦୁଇ ଦିନ ମଧ୍ୟରେ କମିଶନରେଟ୍ ପୋଲିସ ପକ୍ଷରୁ ଏକ ବିଶେଷ ଟିମ୍ ଅରିଲୋ ମେଳଣ ସ୍ଥଳୀ, ହରି-ହରି ଭେଟ ଏବଂ ଠାକୁର ବସିବା ସ୍ଥାନଗୁଡ଼ିକୁ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ପାର୍କିଂ, ଆପତ୍କାଳୀନ ସେବା ଓ ଅଗ୍ନିନିର୍ବାପଣ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ । ବୈଠକରେ ଅରିଲୋ ମେଳଣ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ପର୍ଶୁରାମ ସେନାପତି ସହ ବରିଷ୍ଠ ମୁରବି ଲଳିତ କୁମାର ଦାଶ, ଅଶୋକ କୁମାର ରଥ, ପ୍ରଣବ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଶତପଥୀ, ଶୈଳଜାନନ୍ଦ ସାହୁ, ଦେବରଞ୍ଜନ ବୈଠାଲୁ, ବିପ୍ରଚରଣ ଭୋଳ, ସମରେନ୍ଦ୍ର ଦାସ, ରାଜକିଶୋର ପଟ୍ଟନାୟକ, ସନାତନ ନନ୍ଦ, ପ୍ରଶାନ୍ତ ନାୟକ, ସନ୍ତୋଷ କୁମାର ପଣ୍ଡା, ପ୍ରଦୀପ କୁମାର ସାହୁ, ହୃଦାନନ୍ଦ ମୁଳିଆ, ନରେଶ ମୁଳିଆ, ବରାଦ ପ୍ରସାଦ ବେଉରା ସମେତ ସମସ୍ତ ମାର୍ଫତଦାର ଓ ମୁରବିମାନେ ଉପସ୍ଥିତ ଥିଲେ । ଶେଷରେ ଥାନା ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇ ଏହି ପ୍ରସିଦ୍ଧ ଅରିଲୋ ମେଳଣକୁ ଶାନ୍ତି, ସମ୍ପ୍ରୀତି ଓ ଆଇନ-ଶୃଙ୍ଖଳାର ମଧ୍ୟରେ ସଫଳ ଭାବେ ପାଳନ କରିବାକୁ ଆହ୍ୱାନ ଜାରି କରିଥିଲେ ।

# ଫୁଲନଖରାରେ ଦଶମ ପରୀକ୍ଷାକୁ କେନ୍ଦ୍ର କରି ବିବାଦ

ଫୁଲନଖରା,୨୬।୨:(ମନ୍ଥନ) ବ୍ରାହ୍ମଣଝରିଲୋ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ମହମ୍ମଦ ସର୍ଫରାଜ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫୁଲନଖରା ଛକ ସ୍ଥିତ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଉଛନ୍ତି । ବିଜ୍ଞାନ ପରୀକ୍ଷା ସମୟରେ ସେ ନିଜ ସ୍କ୍ରିପ୍ଟ ଉର୍ଦ୍ଦୁ ଭାଷାରେ ଲେଖୁଥିବା ବେଳେ କକ୍ଷ ନିରୀକ୍ଷକ ଭାବେ ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କୁ ଏହା କାଟି ଓଡ଼ିଆ। ଭାଷାରେ ଲେଖିବାକୁ ବାଧ କରିଥିବା ଅଭିଯୋଗ ଆସିଛି। ଅଭିଭାବକଙ୍କ କହିବା ଅନୁସାରେ, ଛାତ୍ର ଉର୍ଦ୍ଦୁ ଭାଷାରେ ଲେଖିବାରେ ସୁବିଧାଭୋଗୀ ଥିବା ସତ୍ତ୍ୱେ ଜବରଦସ୍ତି ଭାବେ ଓଡ଼ିଆରେ ଲେଖିବାକୁ କୁହାଯାଇଥିଲା । ଏହା ଫଳରେ ସେ ମାନସିକ ଭାବେ ଚାପରେ ପଡ଼ି ନିରୁପାୟ ହୋଇ ଓଡ଼ିଆରେ ଉତ୍ତର ଲେଖିଥିଲେ । ଓଡ଼ିଆ। ଭାଷାରେ ସଠିକ୍ ଭାବେ ପଢ଼ିବା ଓ ଲେଖିବାରେ ଅସୁବିଧା ଥିବାରୁ ପରୀକ୍ଷା ଭଲ ହୋଇନଥିବା ଦାବି କରିଛନ୍ତି ଛାତ୍ରଙ୍କ ବାପା ମହମ୍ମଦ ସମିମୟ ଘଟଣା ପରେ ଛାତ୍ରଙ୍କ ମାନସିକ ଅବସ୍ଥା ମଧ୍ୟ ଭଲ ନଥିବା ଜଣାପଡ଼ିଛି। ପରୀକ୍ଷା ସମ୍ବନ୍ଧୀୟ ଏହି ଅଭିଯୋଗ ନେଇ ଅଭିଭାବକମାନେ ଆଲୋଚନା ପାଇଁ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନି ଖଣ୍ଡେଇ ଦୁର୍ବ୍ୟବହାର କରିଥିବା ଏବଂ ବିଦ୍ୟାଳୟ ଗେଟରେ ତାଲା ପକାଇଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସମ୍ବନ୍ଧରେ ନିକଟସ୍ଥ ସଦର ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିବା ସତ୍ତ୍ୱେ, ପୋଲିସ କର୍ମଚାରୀମାନଙ୍କ ପାଇଁ ମଧ୍ୟ ବିଦ୍ୟାଳୟ ଗେଟ ଖୋଲାଯାଇନଥିବା ଅଭିଯୋଗ ଆସିଛି । ଅଭିଭାବକମାନେ ଏହି ସମ୍ବେଦନଶୀଳ ବିଷୟରେ ବୋର୍ଡ କର୍ତ୍ତୃପକ୍ଷଙ୍କ ତ୍ୱରିତ ହସ୍ତକ୍ଷେପ ଦାବି କରିଛନ୍ତି ।ଭାଷା ନିୟମାବଳୀ ଓ ପରୀକ୍ଷା ପ୍ରକ୍ରିୟା ସମ୍ବନ୍ଧରେ ସ୍ୱଷ୍ଟତା ଆଣି ଛାତ୍ରଙ୍କ ନ୍ୟାୟ ସୁନିଶ୍ଚିତ କରିବାକୁ ସେମାନେ ଆବେଦନ କରିଛନ୍ତି । ଏପରି ଘଟଣା ଶିକ୍ଷା ପ୍ରଣାଳୀରେ ଛାତ୍ରମାନଙ୍କ ମାନସିକ ସୁରକ୍ଷା ଓ ଭାଷା ଅଧିକାର ନେଇ ପ୍ରଶ୍ନ ଉଠାଇଛି । ବୋର୍ଡ ପକ୍ଷରୁ ଯଥାଶୀଘ୍ର ତଦନ୍ତ କରି ସତ୍ୟାସତ୍ୟ ପ୍ରକାଶ କରାଯିବାକୁ ସ୍ଥାନୀୟ ଅଭିଭାବକ ଓ ସଚେତନ ମହଲ ଦାବି କରୁଛନ୍ତି ।ବହୁ ସମୟ ଅପେକ୍ଷା କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ଦେଇନଥିଲେ ।

# ବୟାଳିଶମୌଜାରେ ବିବାହ ଉତ୍ସବରେ ଭୟାବହ ଟ୍ରାଫିକ୍ ଜାମ୍ ଡିଜେ ଓ ଆତସବାଜିରେ ସାଧାରଣ ଲୋକ ହନ୍ତସନ୍ତ

ଫୁଲନଖରା,୨୬।୨:(ମନ୍ଥନ)ବୟାଳିଶମୌଜା ମୁଖ୍ୟ ରାସ୍ତା କଡରେ ଝିଙ୍କିରିଆ। ଠାରୁ ଦଧିବାମନପୁର ଛକ ପର୍ଯ୍ୟନ୍ତ ଅବସ୍ଥିତ ସାତଟି ମଣ୍ଡପରେ ଗତକାଲି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏପରିକି ଗୋଟିଏ ମଣ୍ଡପରେ ଦୁଇଟି ବିବାହ ଭୋଜି ସମ୍ପନ୍ନ ହେଉଥିବାରୁ ଅଞ୍ଚଳରେ ଅତ୍ୟଧିକ ଭିଡ଼ ଦେଖାଦେଇଥିଲା । ବରଯାତ୍ରୀମାନେ ରୋଷଣୀ ଓ ଡିଜେ ସହ ମୁଖ୍ୟ ରାସ୍ତା ଦ୍ୱାରା ପ୍ରବେଶ କରୁଥିବାରୁ ରାସ୍ତାର ବାମ ପଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ଏବଂ ଯାତାୟାତ ବ୍ୟବସ୍ଥା ଗୋଟେ ପର୍ଯ୍ୟାୟରେ ଠପ୍ ପଡ଼ିଯାଇଥିଲା। ଏହି ସମୟରେ ସ୍ଥାନୀୟ ୪୨ମୌଜା ଥାନାର ପିସିଆର ଗାଡ଼ି ଉପସ୍ଥିତ ଥିଲେ ମଧ୍ୟ ଯାମ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଦେଖାଯାଇଥିଲା । ପିସିଆର କର୍ମଚାରୀମାନେ ଯାମ୍ ହଟାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ବିଶେଷ ଫଳ ମିଳିନଥିଲା। ଆପତ୍କାଳୀନ କାମରେ ଯାଉଥିବା ସାଧାରଣ ଲୋକମାନେ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହା ସହିତ ଡିଜେର କର୍କଶ ଶବ୍ଦ ବୟୋବୃଦ୍ଧ ଓ ରୋଗୀ ଯାତ୍ରୀମାନଙ୍କ ପାଇଁ



ଅସହ୍ୟ ପରିସ୍ଥିତି ସୃଷ୍ଟି କରିଥିଲା । ରୋଷଣୀ ସହ ଆତସବାଜି ମୁଖ୍ୟ ରାସ୍ତାରେ ହେଉଥିବାରୁ ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥିବା ଅଭିଯୋଗ ଉଠିଛି । ପୁଲିସ ଅନୁମତି ପତ୍ରରେ 'ନୋ ଡିଜେ, ନୋ ଫାୟାର ୱର୍କ' ଲେଖା ଥିବା ସତ୍ତ୍ୱେ ପିସିଆର ଉପସ୍ଥିତିରେ ଡିଜେ ଓ ଆତସବାଜି ଚାଲିଥିବା ଘଟଣା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ସହରରେ ଡିଜେ ଉପରେ ପ୍ରତିବନ୍ଧକ ଥିବା ବେଳେ କମିଶନରେଟ ପୁଲିସ ଅଧୀନରେ ଥିବା ବୟାଳିଶମୌଜା ଅଞ୍ଚଳରେ ଏପରି ଘଟଣା ପୁନରାବୃତ୍ତି ହେବାକୁ ନେଇ ସାଧାରଣ ମହଲରେ ଅସନ୍ତୋଷ ବ୍ୟକ୍ତ ହୋଇଛି । ଦୁଇ ଦିନ ପୂର୍ବରୁ ଉଚ୍ଚଶବ୍ଦ ଅଭିଯୋଗରେ ଦୁଇଟି ଡିଜେ ଜବତ ହୋଇଥିଲା, କିନ୍ତୁ ତାହାର ପରଦିନ ପୁଣି ଡିଜେ ବାଜିବା ଘଟଣା କମିଶନରେଟ ପୁଲିସ ପାଇଁ ସିଧାସଳଖ ଚ୍ୟାଲେଞ୍ଜ ବୋଲି ମନେ କରାଯାଉଛି । ବାରମ୍ବାର ଖବର ପ୍ରକାଶ ପାଇଲେ ମଧ୍ୟ ପ୍ରଶାସନ ନୀରବ ରହିବାକୁ ନେଇ ଅଞ୍ଚଳବାସୀ ଚିନ୍ତା ବ୍ୟକ୍ତ କରିଛନ୍ତି । ରାସ୍ତା କଡରେ ମଣ୍ଡପ ନିର୍ମାଣ କରି ମାଲିକମାନେ ଲାଭାନ୍ୱିତ ହେଉଥିବା ବେଳେ ନିର୍ଦ୍ଦୋଷ ସାଧାରଣ ଯାତ୍ରୀମାନେ ଅନାବଶ୍ୟକ ଦଣ୍ଡ ଭୋଗୁଛନ୍ତି ବୋଲି ଅଭିଯୋଗ ଉଠିଛି। ଏହି ପରିସ୍ଥିତିକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ସହ ଗ୍ରହଣ କରି କଠୋର କାର୍ଯ୍ୟାନୁଷ୍ଠାନ ନିଅବାକୁ ସଦର ବିଧାୟକ, ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣି ଡିଜେକୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଯାରାନା ଗ୍ରୁପ ହୋଲି ମହୋତ୍ସବ ପାଳିତ

ଫୁଲନଖରା,୨୬।୨:(ମନ୍ଥନ)କଟକ ବାଙ୍କା ବଜାର ମୋଡା ଧର୍ମଶାଳା ଠାରେ ଯାରାନା ଗ୍ରୁପ ପକ୍ଷରୁ ରାଜସ୍ଥାନ କଳାକାର ମାନଙ୍କ ଦ୍ୱାରା ହୋଲି ଧମାଲ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ କମିଟିର ସଭାପତି ଦୀପକ ମୋଡା, ସମ୍ପାଦକ ବିଜୟ ଶର୍ମା,କୋଷାଧକ୍ଷ ରାକେଶ ଜେନ,ପରିଚାଳନା କମିଟିର ସଦସ୍ୟ ବିଜୁ ଶର୍ମା,ଶିଶିର ମିଶ୍ର, ବଜରଙ୍ଗ ଚିମିନିକା,ରାଜେଶ ଚୌଧୁରୀ ଏବଂ ମାରୱାଡ଼ି ସମାଜର ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ । ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ ଯୋଗଦେଇ ରଙ୍ଗାରଙ୍ଗ ଗ୍ରୁପର ସମସ୍ତ କର୍ମକର୍ତ୍ତାଙ୍କୁ ହୋଲି ଶୁଭେଚ୍ଛା ଜଣାଇଥିଲେ । ପଓ୍ୱନ ଭାଉସୀଙ୍କା, ମନୋଜ ଦୁଗଡେ,କିଶନ ମୋଦୀ, ରାଜକୁମାର ଶର୍ମା,କଟକ ମହାନଗର ଶାନ୍ତି କମିଟି କାର୍ଯ୍ୟାଳୟ ସମ୍ପାଦକ ଅକ୍ଷୟ ଦାସ ପ୍ରମୁଖ ଯୋଗ ଦେଇ ଉତ୍ସବକୁ ସଫଳ କରିଥିଲେ ।

# ଲୋକ ବିକାଶର ୩୨ତମ ପ୍ରତିଷ୍ଠା ଦିବସରେ ଲୋକରତ୍ନ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୨୬।୨:(ମନ୍ଥନ)ଓଡ଼ିଶାର ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଂଗଠନ ଲୋକ ବିକାଶର ୩୨ତମ ପ୍ରତିଷ୍ଠା ଦିବସ ଗୁରୁବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନଠାରେ ପାଳିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ସମ୍ପାଦକ ଡା ବିଶ୍ୱନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'କର୍କଟ ଚିକିତ୍ସା ସେବାରେ ସାମାଜିକ ସଂଗଠନମାନଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସଚେତନତା ସୃଷ୍ଟି, ପ୍ରାରମ୍ଭିକ ସ୍କ୍ରିନିଂ ତଥା ରୋଗୀମାନଙ୍କୁ ସରକାରୀ ଚିକିତ୍ସା ବ୍ୟବସ୍ଥା ସହିତ ଯୋଡ଼ି ହେବାରେ ସାମାଜିକ ସଂଗଠନମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ, କର୍କଟ କେବଳ ଏକ ଚିକିତ୍ସାଗତ ସମସ୍ୟା ନୁହେଁ, ବରଂ ଏକ ଗୁରୁତର ସାମାଜିକ ସମସ୍ୟା। ଏ ନେଇ ସଭିଏଁ ଯତ୍ନବାନ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟ ମହିଳା କମିଶନର ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ ଯୋଗଦେଇ, ସରକାରୀ ବ୍ୟବସ୍ଥା ସହ ସମନ୍ୱୟ ରଖି ସାମାଜିକ ସଂଗଠନମାନେ କର୍କଟ ରୋଗୀ ତଥା ସେମାନଙ୍କ ପରିବାର ପାଇଁ ଆଶା ଓ ସହାୟତାର ଦୀପଶିଖା ହୋଇପାରିବେ ବୋଲି କହିଥିଲେ।ମୁଖ୍ୟବକ୍ତା ଡା. କୃପାସିନ୍ଧୁ ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜନ ସଚେତନତା, ପ୍ରାରମ୍ଭିକ ଚିହ୍ନଟ, ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବା, ସରକାରୀ ସହାୟତା ପ୍ରଦାନ, ମାନସିକ ପରାମର୍ଶ ଓ ସହଯୋଗ ଉପଲବ୍ଧ କରାଇବାରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିବା ଆବଶ୍ୟକ।

ସୃଜନ

ଶୁକ୍ରବାର, ୨୭ ଫେବୃଆରୀ ,୨୦୨୬ ଭୁବନେଶ୍ୱର
FRIDAY, 27 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜାତୀୟ ରାଜପଥ ଦୁର୍ଦ୍ଦଶା

ଗଣ (ଜନତା)ନିର୍ବାଚିତ କରନ୍ତି ତନ୍ତ୍ର(ଶାସନ)ଓ ଗାଦି ମିଳିଯିବା ପରେ ଶାସକ – ଶାସିତ ମଧ୍ୟରେ ବ୍ୟବଧାନ ବଢ଼ିଯାଏ ଓ ଜନତନ୍ତ୍ର,ଗଣତନ୍ତ୍ର କିମ୍ବା ଲୋକତନ୍ତ୍ର କୁହାଯାଉଥିବା ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ଜନତା ଦ୍ୱାରା ଶାସନ ଚ଼ାଲେ । ଜନତାର ସ୍ୱାସ୍ଥ୍ୟ, ଶିକ୍ଷା,ସୁରକ୍ଷା,ଆର୍ଥିକ ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ପ୍ରତି ସରକାର ସଚେତନ ତଥା ଉତ୍ତରଦାୟୀ ରହିଥାନ୍ତି ଓ ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ ଗଣମାଧ୍ୟମ ଓ କିନ୍ତୁ ସମୟାନୁକ୍ରମେ ସରକାର ନିଷ୍କ୍ରିୟ ହୋଇଗଲେ, ସ୍ୱାଧୀନ ଗଣମାଧ୍ୟମ ସକ୍ରିୟ ହୋଇଥାଏ ଓ ଏହା ଫଳରେ ସମସ୍ୟା ଦାନା ବାନ୍ଧିଥାଏ ଓ ସରକାର ଶୁଣନ୍ତି ନାହିଁ, ନିରପେକ୍ଷ ଗଣମାଧ୍ୟମର ଖବର ପରିବେଷଣ ସରକାରଙ୍କୁ ପ୍ରଭାବିତ କରିପାରେନି ଓ ସମସ୍ୟା ଜଟିଳରୁ ଜଟିଳତର ହୋଇଯାଏ ଓ ପରିଣାମରେ ଲୋକଙ୍କର ଅକାଳରେ ଜୀବନ ଚ଼ାଲିଯାଏ, ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇଥାଏ ଓ ହେଲେବି ଚେଇଁ ଶୋଇଥିବା ସରକାରର ନିଦ ଭାଙ୍ଗେନି ଓ ଏକ୍ସପ୍ରେସୱେ, ହାଇୱେ, ଚ଼ାରି, ଛଅ, ଆଠ ଲେନ ରାସ୍ତା, ସ୍ୱ ?ସ ଟେକ୍ନୋଲୋଜିରେ ନିର୍ମାଣ ଓ ବିକାଶର ବହୁଳ ପ୍ରଚ଼ାର ହୁଏ ଓ ହେଲେ ପୁରାତନ ରାଜ୍ୟ ଓ ଜାତୀୟ ରାଜପଥ ମରାମତିକୁ ପ୍ରାଥମିକତା ଦିଆଯାଏ ନାହିଁ ଓ ଯାହା ଫଳରେ ବାରମ୍ବାର ଦୁର୍ଘଟଣା, ଟ୍ରାଫିକ ଜାମ, ଧୂଳି ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଅନେକ ଅଘଟଣ ସମ୍ବାଦ ଜନମାନସକୁ ବିବ୍ରତ ଓ ବ୍ୟଥିତ କରିଥାଏ ଓ ଓଡିଶାରେ ତାଳଚେରରୁ ବାଆଁରପାଳ ଜାତୀୟ ରାଜପଥ ୧୪୯ ଏବଂ ମଙ୍ଗୁଳିରୁ ସମ୍ବଲପୁର ଜାତୀୟ ରାଜପଥ ୫୫ ବହୁ ଅବହେଳିତ ଓ ଧୂଳି ଧୂସରିତ, ଖାଲ ଢିପ ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟେ, ଅକାଳ ମୃତ୍ୟୁ ହୁଏ ଓ ଧୂଳି ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ଓ ଏହି ରାଜପଥରେ ଦୈନିକ ଦଶ ହଜାର ଲୋକ ଗମନାଗମନ କରନ୍ତି, ବହୁ ସଂଖ୍ୟାରେ ଭାରୀ ଯାନ ଚ଼ାଲେ ଓ ପ୍ରତ୍ୟେକ ଦିନ ଟ୍ରାଫିକ ଜାମ ଯୋଗୁଁ ଜୀବନ ଯାତ୍ରା ବାଧାପ୍ରାପ୍ତ ହୁଏ ଓ ନିକଟରେ ଟ୍ରାଫିକ ଜାମ ଯୋଗୁଁ ଜାତୀୟ ରାଜପଥ ୫୫ ରେ ଜଣେ ଗୁରୁତର ରୋଗୀ ଆମ୍ବୁଲାନ୍ସ ଭିତରେ ଜୀବନ ହରାଇଲେ ଓ ଏହି ଦୁଇ ଜାତୀୟ ରାଜପଥରେ ବିଗତ ୧୦ ବର୍ଷ ମଧ୍ୟରେ କେତେ ଦୁର୍ଘଟଣା ଘଟିଲାଣି, କେତେ ଜୀବନ ଗଲାଣି ତାହା ସରକାରଙ୍କୁ ଭଲ ଭାବରେ ଜଣାଥିଲେ ମଧ୍ୟ କାହିଁକି ଅବହେଳା ପ୍ରଦର୍ଶନ,କାଳକ୍ଷେପଣ ନୀତି ପୋଷଣ କରାଯାଉଛି ତାହାର ଜବାବ ସରକାର ହିଁ ଦେଇପାରିବେ ଓ ଜନସାଧାରଣଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଆଗାମୀ ଦିନରେ ଡ୍ରାଇଭରଙ୍କ ଆନ୍‌ଦୋଳନ ଭଳି ଆଲୋଡନ ସୃଷ୍ଟି କରିବ, ସରକାରଙ୍କୁ ଆନ୍‌ଦୋଳିତ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ଓ ଓଡ଼ିଶାରେ ବିଗତ ୨୪ ବର୍ଷର ଆଞ୍ଚଳିକ ଦଳର ଶାସନକୁ ପ୍ରତ୍ୟାଖ୍ୟାନ କରି ଭୋଟର ଏକ ଜାତୀୟ ଦଳ ଉପରେ ଆସ୍ଥାପ୍ରକଟ କରିଛନ୍ତି ଓ ଓଡ଼ିଶାର ୨୧ଟି ଲୋକସଭା ଆସନରୁ ୨୦ଟି ଆସନରେ ଜିତାଇ ଶାସକ ଦଳର ନେତାମାନଙ୍କୁ ସଂସଦ ପଠାଇଛନ୍ତି ଓ ଉଭୟ କେନ୍ଦ୍ର – ରାଜ୍ୟ ସରକାରଙ୍କ ସମନ୍ୱୟ ଓ ରାଜନୈତିକ ଇଚ୍ଛାଶକ୍ତି ମାଧ୍ୟମରେ ଅବହେଳିତ ଏହି ଦୁଇ ରାଜପଥରେ ଯଥାଶୀଘ୍ର ଉନ୍ନତ ମାନର ମରାମତି କାର୍ଯ୍ୟ ସମ୍ପର୍ଣ୍ଣ ହେବ ବୋଲି ଆଶା କରାଯାଏ ।

ରାଜଗାଙ୍ଗପୁର ଜନସାଧାରଣ ଙ୍କ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଥିବା ଡାଲମିଆ ସିମେଣ୍ଟ କାରଖାନା ର ମାଲ ପରିବହନ ରେଳ ଚ଼ଳାଚ଼ଳ ବାରମ୍ବାର ଫାଟକ ବନ୍ଦ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଶେଷ କରି ସୁତାମିଲ, ସୁବାଷ ଛକ ବଜପାୟୀ ଛକ ଠାରେ ପ୍ରତିଦିନ ବେ ସମୟରେ ରେଳବାଇ ଫାଟକ ବନ୍ଦ ଯୋଗୁଁ ସାଧାରଣ ଲୋକେ ଙ୍କ ଯାତାୟତ, ଆମ୍ବୁଲାନ୍ସ ସେବା,ରୋଗୀ, ସ୍କୁଲ କଲେଜ ଶିକ୍ଷା ଅନୁଷ୍ଠାନ ର ଛାତ୍ର ଛାତ୍ରୀ, ତହସିଲ ବିଡ଼ିଓ କୋର୍ଟ କାର୍ଯ୍ୟାଳୟ ରେ କାମ କରୁଥିବା ଅଧିକାରୀ କର୍ମଚ଼ାରୀ ସାଧାରଣ ନାଗରିକ ବିଭିନ୍ନ ୱାର୍ଡ ଓ ପଞ୍ଚାୟତ ଗ୍ରାମବାସୀ ଙ୍କ ବହୁ ମୂଲ୍ୟବାନ ସମୟ ରେଳ ଫାଟକ ଠାରେ ଅତିବାହିତ କରୁଥିବା ଅଭିଯୋଗ ସହ ରେଳ ଫାଟକ ଉଭୟ ପାର୍ଶ୍ୱରେ ଖରା ବର୍ଷା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡାଲମିଆ ସିମେଣ୍ଟ କାରଖାନା ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ତାହା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିଲା ନାହିଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ଜନଶୁଣାଣି ସମୟରେ ଅଭିଯୋଗ କରି ନିରାଶ ହୋଇ ହୋଇଥବା ଜଣାପଡ଼ିଛି । ଯଥା ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ମହାପ୍ରଭୁଙ୍କ ଚାଚେରୀ ବେଶ ଓ ନୀତି

### କବୀର କୁମାର ଜେନା

ଶ୍ରୀଜୀଉଙ୍କ ଏହି ଚାଚେରୀ ବେଶ ସମୟରେ ଏହି ଅଳଙ୍କାର ଗୁଡ଼ିକ ହେଉଛି କୁଣ୍ଡଳ, ଚନ୍ଦ୍ରିକା, ତାବିଜମାଳି, ଓଡ଼ିଆଣୀ ଓ ଅଣ୍ଟାରେ ଅଣ୍ଟାପୋଟି ଲାଗି ହୋଇଥାଏ । ନୀତି ଅନୁଯାୟୀ ଚାଚେରୀ ବେଶ ସନ୍ଧ୍ୟା ଧୂପ ପରେ ଓହ୍ଲାଇ ଦିଆଯାଏ । ଚାଚେରୀ ବେଶର ସ୍ୱତନ୍ତ୍ରତା ହେଉଛି ଶ୍ରୀଜୀଉଙ୍କ ଖଇକୋରା ଭୋଗ । ଭୋଗ ଲାଗି ହେବାପରେ ମହାପ୍ରଭୁଙ୍କ ବାଡ଼ରେ ସିନ୍ଦୁର, ଚନ୍ଦନ, ଫଗୁ ଓ ପ୍ରସାଦ ଅର୍ପଣ ପୂର୍ବକ ବନ୍ଦାପନା ହୋଇ କର୍ପୂର ଆଳତି ପ୍ରଦାନ କରାଯାଏ । ପରମ୍ପରାର ନୀତିକାନ୍ତି ଅନୁଯାୟୀ ଚଳନ୍ତି ପ୍ରତିମାଙ୍କର ନିକଟସ୍ଥ ଜଗନ୍ନାଥ ବଲ୍ଲଭ ମଠକୁ ଗମନ ହୋଇଥାଏ । ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଭୋଗ ଓ ନୀତି କାର୍ଯ୍ୟକ୍ରମ ପରେ ଶ୍ରୀମନ୍ଦିରକୁ ଆଗମନ ହୋଇଥାଏ । ଶ୍ରୀମନ୍ଦିରରେ ଥିବା ଦକ୍ଷିଣ ଘରକୁ ଦୋଳଗୋବିନ୍ଦ ବିଜେ ହୋଇଥାନ୍ତି । ଏହି ସମୟରେ ଯେଉଁ ପ୍ରସାସ ଅର୍ପଣ ହୋଇଥାଏ ସେଗୁଡ଼ିକ ହେଉଛି ଖୁରି, ଆରିସା, ମରିଚ ଲଡୁ ଇତ୍ୟାଦି । ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଦୋଳଗୋବିନ୍ଦ ଚାଚେରୀ ଭ୍ରମଣରେ ଯାତ୍ରା କରିଥାନ୍ତି । ମହାପ୍ରଭୁଙ୍କ ଚାଚେରୀ ନୀତି ଏକ ଅପୂର୍ବ ବେଶ ପରିପାଟୀ ଓ ନୀତିକାନ୍ତି ଭିତରେ ସମ୍ପନ୍ନ ହୋଇଥାଏ । ଋତୁରାଜ ବସନ୍ତଙ୍କ ଆଗମନ ସମୟରେ ମହାପ୍ରଭୁ ଭକ୍ତଙ୍କ ଗହଣରେ ଚାଚେରୀ ନୀତି ମାଧ୍ୟମରେ ଭକ୍ତଗଣଙ୍କ ଭିତରେ ରଙ୍ଗ ଓ ରସର ଅପୂର୍ବ ସମନ୍ୱୟ ସୃଷ୍ଟି କରିଥାନ୍ତି । ଏହି ଚାଚେରୀ ନୀତିରେ ମୁଦିରସ୍ତ ସେବକଙ୍କ ସେବା ଗୁରୁତ୍ୱପୂର୍ଣ୍ଣ । ଶ୍ରୀମନ୍ଦିରରେ ବସନ୍ତ ଉତ୍ସବ ଭାବରେ ପରିଚିତ ଏହି ଚାଚେରୀ ନୀତିରେ ଚାଚେରୀ ଖେଳ ମୁଦିରସ୍ତ ହିଁ ନୀତି ସମ୍ପନ୍ନ କରନ୍ତି । ଶ୍ରୀଜୀଉଙ୍କ ଆଜ୍ଞାମାଳ ପରେ ବିମାନରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦଙ୍କୁ ଧରି ଏହି ଖେଳ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ସମସ୍ତ ବାର୍ଷିକ ନୀତିକାନ୍ତି ଓ ନିୟମିତ ପୂଜା ପାର୍ବଣ ସହ ବସନ୍ତ ଋତୁର ଯାହାକୁ ସମସ୍ତେ ଫଗୁଣ ମାସ ଭାବେ ଜାଣନ୍ତି ଏହି ଚାଚେରୀ ନୀତି ଦର୍ଶନ କରିବା ପାଇଁ ଭକ୍ତଜନଙ୍କ ଶ୍ରୀମନ୍ଦିରରେ ଗହଳି ହୋଇଥାଏ । ମହାପ୍ରଭୁଙ୍କୁ ଶ୍ରୀଗୋବିନ୍ଦ ଭାବରେ ବର୍ଷକୁ ଥରେ ଏହି ଅବସରରେ ଦର୍ଶନ ମିଳିଥାଏ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୬୭୪୯୯୦

# ବୃକ୍ଷ, ଲତା, ତୃଣ, ପୂଜା ନହେଲେ ପୂଜା ସାମଗ୍ରୀ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବୈଦିକ ଯୁଗରେ ମୂର୍ତ୍ତି ପୂଜା ନଥିଲା । ବେଦ ମଧ୍ୟରେ ବୃକ୍ଷ ମାନଙ୍କର ଉପକାରିତା ମିଳୁଛି । ବେଦ ମନ୍ତ୍ରରେ ଅଗ୍ନି ଇନ୍ଦ୍ର ଆଦି ଦେବତା ମହିମା ଉଦଘୋଷ ରହିଲେ ବି ଯଜ୍ଞରେ ମନ୍ତ୍ର ପ୍ରୟୋଗ ହେବା ବୁଝା ପଡୁଛି । ଯେଉଁ ଶାକାଲ୍ୟ ବନୌଷଧି ଯଜ୍ଞହୁଏ ସବୁ ବଛା ବଛା ବୃକ୍ଷ ଲତାର ଚେର ମୂଳିର କୁଟା ଯିବା ଚୁର୍ଣ୍ଣ । ଏ ସମୟରେ ବହୁ ଋଷିଙ୍କ ନାମରେ ଆଶ୍ରମ ରହିଛି । ବହୁ ଗାଦି ପୂଜା ପାଉଛନ୍ତି । ଆଶ୍ରମ ମାନ ତପୋବନ, ଯାହା ବୃକ୍ଷ ବହୁଳ ସ୍ଥାନରେ ରହିଛି । ନୈମିଷାରଣ୍ୟ, ମହାବୀରବନ, ପଞ୍ଚବଟି ବୃନ୍ଦାବନ, ମଧୁବନ, ବକୁଳବନ, ଏକାମ୍ରକାନନ, ଆମ୍ବ ତୋଟା, ଗ୍ରାମେ ଗ୍ରାମେ ବଟ ଅଶ୍ୱସ୍ତ ଯୋଡ଼ି ଜଗନ୍ନାଥଙ୍କ ଦାରୁର ଉତ୍ସ ନିମ୍ବ, ଆଦିବାସୀଙ୍କ ସର୍ଗୀ ଗଛ (ଶାଳ) ଏ ସବୁ ପୂଜା, ପୂଜା ପାଇଁ ଆନୁସଙ୍ଗିକ ପ୍ରୟୋଜନରେ ଲାଗୁଛି । ଆମ୍ବ ଶାଳ କାଠ ଯଜ୍ଞ ହୋମରେ ସାଧାରଣ ଲାଗିଲାବେଳେ ଅନେକ ସମିଧ ବିଭିନ୍ନ ବୃକ୍ଷର ଅଂଶ ଲାଗେ । ପୂର୍ବେ ଚାଳଘରର ମଝି ଖୁଣ୍ଟ ପୂଜା ହେଉଥିଲା, ଖମ୍ଭେଶ୍ୱରୀ ପୂଜାର ଏ ଏକ ଅଧ୍ୟାୟ ।

ଦୁର୍ଗାପୂଜାରେ ନବ ପତ୍ରିକା ପୂଜା ଜଡ଼ିତ ବେଲ୍ଲିଭ ବରଣ ଯୋଡ଼ା ବୋଲ ସଂଗ୍ରହ ଅପରାଜିତା ପୂଜା ଏବେ ବି ଚାଲିଛି, ଅନେକ ଫୁଲ ପୂଜାରେ ଲାଗୁଛି ଯଜ୍ଞରେ ଅଙ୍କୁରରୋପଣ ଯହିଁରେ ଶସ୍ୟମାନ ଲାଗୁଛି । ଆଜିକାଲି ଆର୍ଯ୍ୟୁବେଦ ଜଡ଼ିବୁଟି ଔଷଧର ଚାହିଦା ବିଲୁପ୍ତ ନ ହେଲେ ବି ଅନେକ କମିଛି । ବିଦେଶୀ ରାସାୟନିକ ଔଷଧ ଏକନିଶା ପରି ଲୋକଙ୍କ ନିତ୍ୟ ଜୀବନର ସହଚର ହେଲାଣି । ଶୁଭ ସକାଳର ଦାନ୍ତ କାଠି କୁଅଚଳକାରୀ ବିଦେଶୀ ଫର୍ମୁଲା ଦାନ୍ତ ଘଷିବା ପେଷ୍ଟ ଲୋକଙ୍କ ଅକାଳ ଦନ୍ତ ପତନ ଦନ୍ତ ରୋଗ କରାଉଛି । ଦନ୍ତ କାଠି ସାହାଡ଼ା, ନିମ୍ବ, କରଞ୍ଜ, ବଉଳ, ମୁତୁରି ଲତା ଥିଲା ଦାନ୍ତ କାଠି ଯାହା ଏକ ପ୍ରକାର ଦନ୍ତ ଅମୃତ । ପୁନାଙ୍ଗ ତେଲ ଜଡ଼ାତେଲ, ନଡିଆତେଲ, ସୋରିଷ ତେଲ, ରାଶି ତେଲ ଓ ଘିଅ ଏହାକୁ ଇନ୍ଧନ କରି ଦୀପ ଜଳାଯାଇ ତହିଁରେ ରାତ୍ରିରେ ପୁରାଣ ଆଦି ପାଠ କରାଯାଉଥିଲା, ଦୀପରୁ ନିର୍ଗତ ଧୁମ ଆଖିରେ ବାଜିଲେ ଚକ୍ଷୁରୋଗ କେବେ ହେଉନଥିଲା ଆଉ ଚଷମା ଲାଗିବା ବହୁଳ ଦେଖାନଥିଲା । ପରଳମୋତିଆବିନ୍ଦୁ ନହେବା ପାଇଁ ଦୀପାଲୋକରେ ଏହି ଇନ୍ଧନ ତେଲ ଘିଅ ଉଜ୍ଜ୍ୱଳନର ଧୂମକୁ ସଂଗ୍ରହ କରି କଜ୍ଜ୍ୱଳ କରି ଚକ୍ଷୁର ଅଧୋପତାରେ ଲଗାଇଲେ ହୁଏନାହିଁ । ସବୁଜ ଶାଗ ବିଶେକରୀ ପୁରୁଣା ଶାଗ ଖାଇଲେ ଚକ୍ଷୁ ଜ୍ୟୋତିର ଅକାଳ ମ୍ଳାନ ହୁଏନାହିଁ । ବଟ ଗଛକୁ ହିନ୍ଦୁ ମାନ୍ୟତାରେ କଳ୍ପବଟ, ବାଞ୍ଛାବଟ, ଅକ୍ଷୟ ବଟ, ନିକୁମ୍ଭିଳାବଟ ହେତୁବଟ, ଉଦୟବଟ, ତତ୍ତ୍ୱବଟ ପରି ମହିମାମୟ ପୂଜା ସ୍ଥାନ ରହିଛି । ଓଡ଼ିଶାରେ ଛତିଆ ବଟ, ନେମାଳ ବଟ ପୁରୀ ମନ୍ଦିର ମଧ୍ୟରେ ଅତିମାନ୍ୟା ତିନି ବଟ ଭକ୍ତଙ୍କ ବିଶ୍ୱାସ ଦୃଢ଼ରେ କାମନା ଫଳଦାୟୀ । ଏପରି ଅନେକ ଗଛ ଥାଉ ଥାଉ ଗୌତମ ଏକ ଅଶ୍ୱସ୍ତ ବୃକ୍ଷମୂଳରେ ବସିଧ୍ୟାନ କରି ସିଦ୍ଧି ପ୍ରାପ୍ତ କରି ବୁଦ୍ଧ ହୋଇ ଜଗତର ଜ୍ୟୋତି, ସେ ଗୟା ଧାମର ସେହି ଗଛ ବୋଧିଦ୍ରୁମ ତାହାର ଏତେ ମହିମା ତାର ଚାରା ଶ୍ରୀଲଙ୍କାରେ ଯାଇ ରୋପଣ ହୋଇଛି । ପୁଣି ସେଠାରୁ ଏକଚାରା ସାରନାଥ ବାରଣାସକୁ ଆସି ରୋପଣ ହୋଇଛି । ହିନ୍ଦୁ ବୌଦ୍ଧ ସଂସ୍କୃତିର ସାମ୍ୟ ପ୍ରତି ଗ୍ରାମରେ ବର ଅଶ୍ୱସ୍ତ ଯୋଡ଼ି ସ୍ଥାପନ ବୃକ୍ଷ ବିବାହ ପର୍ବ । ଭିନ୍ନ ମତରେ ହରିହର ଭେଟ ହେଉଛି ବରଅଶ୍ୱ ଏକ ସ୍ଥାନରେ ସ୍ଥିତି, ବରଗଛତଳ ରାତ୍ରୀ ପାଇଁ ବାସକାରୀ ଶୁଭ ମାତ୍ର ଅଶ୍ୱସ୍ତ ତଳ ରାତ୍ରବାସ ଅଶୁଭ । ଏହି କାରଣ ପାଇଁ ଲୋକେ ଅଶ୍ୱସ୍ତଗଛ ତଳେ ରାତ୍ରୀ ବାସ କରନ୍ତି ନାହିଁ । ଏଇ ଗଛ ତଳେ କଲିଚୁନ ପାଣି ଦିନରେ ତତ ରୂପ ରହିଲେ ବି ରାତ୍ରୀରେ କ୍ଷୀର ପରି ଧଳା ହୋଇଯାଏ ।

ଏ ମୂଲ୍ୟବାନ ବୃକ୍ଷ ଭଗବାନ ଗୀତାରେ ସ୍ୱରୂପ ବୋଲି କହିଛନ୍ତି । ଆୟୁର୍ବେଦ ସବୁରେ ଏହାର ମହିମା । ଅଶ୍ୱ ସହ ଅଶ୍ୱସ୍ତ ନିଶ୍ଚେ କିଛି ସମ୍ବନ୍ଧ ରହିଛି, ସେମିତି ଆଉ ଏକ ଜଡିବୁଟି ବୃକ୍ଷ ଅଶ୍ୱଗନ୍ଧା ରହିଛି । ସମସ୍ତେ ଅଶ୍ୱ ଶକ୍ତି ଜାଣନ୍ତି, ଯାହା ଯାନ୍ତ୍ରିକ କାଇନେଟିକ ଶକ୍ତିକୁ ମାପରେ ଧାର୍ଯ୍ୟ ଓ ବିଦ୍ୟୁତ ମୋଟର ଗୁଡ଼ିକର କାର୍ଯ୍ୟକାରୀ କେତେ କ୍ଷମତା ତାହା ଏଇ ହର୍ଷ ପାୱାର ବା ଅଶ୍ୱ ଶକ୍ତିରେ ଧାର୍ଯ୍ୟ କରାଯାଏ । ମନୁଷ୍ୟର ଶକ୍ତି ଯୁବା କାଳରେ ଯାହା କାର୍ଯ୍ୟ କରିରହେ ଏହା ବି ଅଶ୍ୱ ଶକ୍ତି ସଦୃଶ, ଅଶ୍ୱର ରମଣ ଶକ୍ତି ଦୀର୍ଘକାଳ ମନୁଷ୍ୟର ପ୍ରଜନନ ପ୍ରକ୍ରିୟା ଓ ସ୍ୱାମୀ ସ୍ତ୍ରୀ ସାଂସାରିକ ଆନନ୍ଦମୟ ଜୀବନ ପାଇଁ ଅଷ୍ଟାଙ୍ଗ ଆୟୁର୍ବେଦରେ ବାଜୀକରଣ ପର୍ଯ୍ୟାୟ ଏକ ଚିକିତ୍ସା ଅଙ୍ଗ ରହିଛି । ଏଥିରେ ଅଶ୍ୱଗନ୍ଧା, ଅଶ୍ୱସ୍ତ ପରି ନାମୀ ଔଷଧ ଗଛକୁ ଜଡ଼ିତ ରଖାଯାଇଛି । ଏପରିକି ଗାନ୍ଧାର ବିଦ୍ୟାରେ ନାରୀଙ୍କ ନର୍ତ୍ତନ ଯହିଁରେ କାମକଳାର ମୁଦ୍ରା ନର୍ତ୍ତକୀ ମାନେ ଦର୍ଶାଇ ସୁପ୍ତ କାମ ଶକ୍ତିକୁ ଜାଗ୍ରତ ଯୁବକ ମାନଙ୍କର କରନ୍ତି । ଏହାହେଉଛି ନୃତ୍ୟ ଚିକିତ୍ସା । ଗାନ୍ଧାର ବିଦ୍ୟାରେ ଏପରି ସଙ୍ଗୀତ ଶାସ୍ତ୍ରକୁ ନିଆଯାଇଛି ଯାହା ସଙ୍ଗୀତ ଚିକିତ୍ସା ଏ ଜୀବନକୁ ରଙ୍ଗ ରଙ୍ଗିଲା କରିପାରେ । ଏକ ତେଲ ଅଛି ଯାହା ଗନ୍ଧର୍ବ ତେଲ । ପୁରୁଷଙ୍କ ପାଇଁ ଲାଗେ । ଅଶ୍ୱସ୍ତ ଗଛର ଚେର ଫଳ ଛାଲି ନାରୀଙ୍କ ବହୁପ୍ରକାର ଉପକାର ଲାଗିବା ବୁଟି । ପୂର୍ବେ ବହୁ ଗଛରୁ ମଦ୍ୟ ପ୍ରସ୍ତୁତ ହେଉଥିଲା ଅଶ୍ୱସ୍ତ ଏଥିରୁ ବାଦ ନୁହେଁ । ପୁରାଣରେ ଅଛି କାଦମ୍ବରୀ ଯାହା କଦମ୍ବ ଗଛରୁ ପ୍ରସ୍ତୁତ ମଦ୍ୟ ଏହାକୁ ପାନ କରି ନିଶାସକ୍ତ ହୋଇ ସୁଶିକ୍ଷିତ ବଳବାନ ଯଦୁବଂଶ ଇତି ହୋଇଥିଲା । କଦମ୍ବ ଗଛ ମୂଳରେ ଶ୍ରୀକୃଷ୍ଣ ଗୋପରେ ଗୋପୀମାନଙ୍କ ସହ ରହସ୍ୟମୟ ରାସ କ୍ରୀଡ଼ା କରୁଥିଲେ । କଦମ୍ବ ଫୁଲ ଔଷଧ ଏଥିରୁ ମଦ୍ୟ ପ୍ରସ୍ତୁତ ହୁଏ ।ଏମିତି ଶାସ୍ତ୍ରୀୟ ମଦ୍ୟ ଅରିଷ୍ଟ ଆଉ ଆସବ, ନର ନାରୀଙ୍କ ହୃଦ ଯୌବନରେ ଏକ ଶାସ୍ତ୍ରୀୟ ମଦ୍ୟ ଯାହା ଦଶମୂଳାରିଷ୍ଟ ଓ ମୃତସଂଜୀବନୀ ସୁରାଳ ଏ ସମୟରେ ଅନେକ ଟନିକଲୋକେ ସ୍ୱାସ୍ଥ୍ୟ ଲାଭ ପାଇଁ ଚିକିତ୍ସକଙ୍କ ପରାମର୍ଶରେରେ ଅନୁପାନରେ ପାନ କରୁଛନ୍ତି ଯହିଁରେ କ୍ଲିନିକାଲ ମଦ୍ୟ ଆଲକୋହଲ ଭାଗରେ ମିଶିଛି । ହୋମିଓ ଔଷଧରେ ସ୍ପିରିଟ ମୂଳ ଔଷଧର ମିଶ୍ରଣରେ ଉପଲବ୍ଧ । ଆଖୁର ଗୁଡ଼ରୁ ସ୍ପିରିଟ ମଦ୍ୟ ପ୍ରସ୍ତୁତି ଆମ ଦେଶର ଭେଷଜ ବିଜ୍ଞଙ୍କ ଆଦି ଫର୍ମୁଲା । ପାତନ ପଦ୍ଧତିରେ ଏବେ ଆଳୁ ଅଙ୍ଗୁର ସଢ଼ାଯାଇ ମଦ୍ୟ ପ୍ରସ୍ତୁତ ହେଉଛି । ଏମିତିକି ମାଛ ମାଂସରୁ ମଦ୍ୟ ହେଉଛି । ଏଥିରେ କେଉଁଜୀବ ଛାଡ଼ ହେଉନାହାନ୍ତି । ଅଶ୍ୱସ୍ତ ବୃକ୍ଷର ଚେରକୁ କାଟି ତହିଁର ରସ ସଂଗ୍ରହ କରି ଯାହାର ଇନ୍ଦ୍ରିୟର ଲୁପ୍ତ ଶକ୍ତି ହୋଇଛି ତାକୁ ଚିକିତ୍ସକ ପରାମର୍ଶରେ ନିୟମରେ ପାନ କଲେ ଲୁପ୍ତ ଶକ୍ତି ଫେରେ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ସାହିତ୍ୟ ସନ୍ନ୍ୟାସୀ – ମନୋଜ ଦାସଉ

### ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ଼ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇ□ର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା – ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ – ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ – ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବ□ମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

ପାରାଦ୍ୱୀପଗଡ, କୁଜଙ୍ଗ,ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

# ଚର୍ଚ୍ଚାରେ କଟକର ଇଂରାଜୀ ବନାନ ସଂଶୋଧନ ଦିଗ

### ଡ଼ଃ.ଅରୁନ୍ଧତୀ ଦେବୀ

ବନାନ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି । ତା'ମଧ୍ୟରେ ସାତଟି ଜିଲ୍ଲାର ଇଂରାଜୀ ବନାନ ମଧ୍ୟ ବଦଳିବ । ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ଏ ପ୍ରସଙ୍ଗରେ 'କଟକ' ନାମକରଣକୁ ନେଇ ମଧ୍ୟ ପୂର୍ବରୁ ବିବାଦ ରହି ଆସିଛି । କଟକର ଉଚ୍ଚାରଣ ବା ସମ୍ବୋଧନ ରହି ଆସିଛି । କଟକର ଉଚ୍ଚାରଣ ବା ସମ୍ବୋଧନ ଓ ଇଂରାଜୀ ବନାନ ଭିନ୍ନ ଥିବା ବେଳେ ପୂର୍ବରୁ କଟକ ସହରର ବୁଦ୍ଧିଜୀବୀମାନେ ଏ ନେଇ ଆପତ୍ତି ଉଠାଇଛନ୍ତି । ଯଦିଓ ଏବେ ସୁଦ୍ଧା ଏ ବାବଦରେ ଲମ୍ବା ବିତର୍କ କିମ୍ବା ଆଲୋଚନା ହୋଇନାହିଁ । ଏବେ ସାତ ଜିଲ୍ଲାର ଇଂରାଜୀ ବନାନ ବଦଳିବା ପରେ ଓଡ଼ିଶା ପୁରୁଣା ରାଜଧାନୀ କଟକର ବନାନ ପରିବର୍ତ୍ତନକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଖୁର୍ଦ୍ଧା କି ଖୋର୍ଦ୍ଧା ନୁହେଁ, ଏଣିକି ଖୋରଧା । ଆଉ ଲେଖାଯିବନି ଦେଓଗଡ଼, ସବୁଠି ରହିବ ଦେବଗଡ଼ । ଅନୁଗୁଳ ହେବ ଅନୁଗୋଳ । କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଇଂରାଜୀ ବନାନ ସଂଶୋଧିତ ହେବ । ଏଣିକି କୁହାଯିବ ଆଳି ଓ ଇଂରାଜୀରେ ଲେଖାଯିବ ମଧ୍ୟ ଆଳି ଓ ଇଂରାଜୀ ଲେଖାଯିବ ମଧ୍ୟ ଆଳି । ଏମିତି ଲେଖା ଯିବ, ଯେମିତି ଉଚ୍ଚାରଣକୁ ନେଇ ଦ୍ୱନ୍ଦ୍ୱ କିମ୍ବା ଭିନ୍ନତା ରହିବନି ।

ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲା, ବ୍ଲକ, ତହସିଲକୁ ନେଇ ଥିବା ନାମର ଦ୍ୱନ୍ଦ୍ୱ ଦୂର କରାଯିବ । ଇଂରାଜୀ ବନାନ ଏବଂ ଓଡ଼ିଆ ଉଚ୍ଚାରଣରେ ରହିବ ସମାନତା । ଏ ନେଇ ୧୧ଟି ଜିଲ୍ଲାର ମୋଟ ୨୫ଟି ସ୍ଥାନର ଇଂରାଜୀ ନାମର ବନାନ ସଂଶୋଧିତ କରିବାକୁ ପ୍ରସ୍ତାବ ଜାରି କରିଛି ବିଭାଗ । ଗତକାଲି ଏହି ପ୍ରସ୍ତାବକୁ ନେଇ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଉଛି । ୧୫ଦିନ ମହଲତ ଦିଆଯାଇଛି ।

ଏହି ତାଲିକାରେ ମାଲକାନାଗିରି ପଡ଼ିଆ ବ୍ଲକ, ଦେବଗଡ଼, କନ୍ଧମାଳ, ଖୋରଧା, ବୋଲଗଡ଼, ବାଣପୁର, ଜଟଣୀ, ଅନୁଗୋଳ, ପାଲହଡ଼ା, ଆଠଗଡ଼, ସାଲେପୁର, ବଡ଼ମ୍ବା, ବାଲେଶ୍ୱର, ନୀଳଗିରି, ଆଳି, କେନ୍ଦ୍ରାପଡ଼ା ମହାକାଳପଡ଼ା, କେନ୍ଦୁଝର, ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼, ଦଶପଲ୍ଲା ନାମ ରହିଛି । ଏସବୁ ସ୍ଥାନର ନାମର ପ୍ରକୃତ ଓଡ଼ିଆ ଉଚ୍ଚାରଣ ଏବଂ ଇଂରାଜୀ ବନାନ ଭିତରେ ଅନେକ ଫରକ ରହୁଛି । ଏହାକୁ ନେଇ ନାମର ଉଚ୍ଚାରଣରେ ବିଭିନ୍ନ ସମୟରେ ଭିନ୍ନତା ରହୁଛି । ଏଥିପାଇଁ ମୂଳ ଓଡ଼ିଆ ନାମକରଣକୁ ଆଧାରଣ କରି ଇଂରାଜୀ ଲେଖାରେ ସଂଶୋଧନ କରିବାକୁ ପ୍ରସ୍ତାବ ରହିଛି ।

ବିଜେପିର ପ୍ରଭାବଶାଳୀ ନେତା ଓ ପଶ୍ଚିମାଞ୍ଚଳର ମୁଖ୍ୟମନ୍ତ୍ରୀ ଚେହେରା କହିଲେ ଅତ୍ୟୁକ୍ତି ହେବନାହିଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବ୍ୟକ୍ତିନିଷ୍ଠ ଭାବେ ଅନେକ ଦିନତଳୁ ଅଭିଯୋଗ ହେଉଥିବା ଏହି ପ୍ରସଙ୍ଗର ଏକ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କ କହିବାନୁଯାୟୀ 'ଦୀର୍ଘ ସମୟରୁ ଏଭଳି ନାମକରଣ ରହି ଆସିଛି । ଓଡ଼ିଶା ଅସ୍ମିତାକୁ ସମ୍ମାନ ଜଣାଇ ମୂଳ ଶବ୍ଦାବଳୀ ଆଧାରରେ ନାମର ରୂପାନ୍ତରଣ ହେବ । ଗାଁରୁ ଜିଲ୍ଲା ପର୍ଯ୍ୟନ୍ତ ଭୂଲେଖରେ ଏ ନେଇ ପରିବର୍ତ୍ତନ କରି ଠିକ୍ ନାମ ଉଲ୍ଲେଖ କରାଯିବ । ଏହା ଦ୍ୱାରା ଓଡ଼ିଆ ଅସ୍ମିତା ମଜଭୁତ ହେବ । ଭୁଲ ନାମକୁ ଚିହ୍ନଟ କରି ତାଲିକା ଜାରି କରାଯାଇଛି । ମତାମତ ଆହ୍ୱାନ କରାଯାଇଛି । ଲୋକଙ୍କ ମତାମତକୁ ଆଧାର କରି ସଂଶୋଧନ ଦିଗରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।' ସହରର ନାମକରଣ ପଛରେ ଏକ ସରଳ କିନ୍ତୁ ଐତିହାସିକ କାହାଣୀ ରହିଛି । ଏହାର ମୂଳ ନାମ 'କଟକ' ଯାହା ସଂସ୍କୃତ ଶବ୍ଦରୁ ଆସିଛି । ସଂସ୍କୃତରେ 'କଟକ'ର ଅର୍ଥ ହେଉଛି ଦୁର୍ଗ ବା ସେନା ଶିବିର । ବ୍ରିଟିଶ ଅମଳରେ ଇଂରାଜୀ ଉଚ୍ଚାରଣ ଓ ଲିପି ଅନୁଯାୟୀ ଏହାକୁ କଟକ (CUTTACK) ଭାବେ ଲେଖାଯାଇଥିଲା । (କ୍ରମଶଃ)



## ବରଓ୍ୱେଲ ଗାଡ଼ି ଓଲଟି ଦୁଇ ମୃତ ୭ ଗୁରୁତର

**କୁକୁଡ଼ାଖଣ୍ଡି,୨୬/୨ (ନି.ପ୍ର) :** ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି-କୁସସ୍ଥଳୀ ରାସ୍ତାରେ ଗୁରୁବାର ସନ୍ଧ୍ୟା ସମୟରେ ଏକ ବରଓ୍ୱେଲ( ଓଡ଼ି୦୭ବି୫୪୧୪) ନମ୍ବର ବିଶିଷ୍ଟ ବରଓ୍ୱେଲ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ପ୍ରତ୍ୟେକ୍ଷ ଦର୍ଶୀଙ୍କ ସୂଚନା ଅନୁସାରେ ଏକ ସାଇକେଲକୁ ଧକ୍କା ଦେଇ ରାସ୍ତା ପାଶ୍ୱରେ ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ ଘଟିଥିବା ବେଳେ ଅନ୍ୟପ୍ରାୟ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଦୁଇ ମୃତକ ହେଲେ ମୟୂରଭଞ୍ଜର ରବିନାରାୟଣ ଓ ଫୁଲବାଣୀର ସୁବାଶ କହଁର ହୋଇଥିବା ଜଣାପଡିଛି । ତେବେ ବରଓ୍ୱେଲ ଗାଡ଼ି ତଳେ ଆଉ କିଛି କର୍ମଚାରୀ ଚପି ହୋଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନା ପ୍ରକାରେ ନିମଖଣ୍ଡି ଥାନା ପୁଲିସ ଓ ସ୍ଥାନୀୟ ବାସିନ୍ଦା ଯାଇ କ୍ରେନ ଯୋଗେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି । ପୁଲିସ ମୃତ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି ।

### ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ଼

## ପୂର୍ବ ରେକର୍ଡ଼କୁ ଭାଙ୍ଗିଲେ ୭ ଟେରାକୋଟା କାରିଗର

**ଭୁବନେଶ୍ୱର, ୨୬।୨ (ନି.ପ୍ର) :** ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ଼ କରିଛି ଓଡ଼ିଶା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ "ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତି" ପ୍ରତିଯୋଗିତାରେ ଦୁଇଟି ନୂଆ କୀର୍ତ୍ତିମାନ "ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍" ଲିପିବଦ୍ଧ ହୋଇଛି । ଏକକାଳୀନ ୧୦୦୦ ମୃତ୍ତିକା ଶିଳ୍ପୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ସେହିପରି ପୂର୍ବ ରେକର୍ଡ଼କୁ ଭାଙ୍ଗି ୭ ଜଣ ମୃତ୍ତିକା କାରିଗର ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ବରଗଡ଼ର ଟେରାକୋଟା ହସ୍ତଶିଳ୍ପୀ ସେବକ ରଣା ଏକ ଘଣ୍ଟା ମଧ୍ୟରେ ୩୧୦ ଟି ଗ୍ଲାସ୍ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ନୟାଗଡ଼ର ମାଧବ ମୁଦୁଲି, ବଲାଙ୍ଗୀରର ଥାନ ସୁନ୍ଦର ରଣା, ବାଲେଶ୍ୱରର ରମେଶ ଚନ୍ଦ୍ର ମୁଦୁଲି, ଅନୁଗୁଳର ବିଜୟ ବେହେରା, ବଲାଙ୍ଗୀରର ବସନ୍ତ ରଣା, କେନ୍ଦ୍ରାପଡ଼ାର ମକର କେତନ ସାହୁ ଯଥାକ୍ରମେ ୨୪୮, ୨୩୨, ୨୩୦,



୨୨୭, ୨୧୯ ଓ ୨୧୮ ଟି ମାଟି ପାତ୍ର ପ୍ରସ୍ତୁତ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଆମେରିକାର ମାଇକେଲ୍ ୱେବର୍ ଏକ ଘଣ୍ଟା ସମୟ ମଧ୍ୟରେ ୨୧୨ ଟି ମାଟି ପାତ୍ର ପ୍ରସ୍ତୁତ କରି "ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍"ରେ ସ୍ଥାନ ପାଇଥିଲେ । ଓଡ଼ିଶାର ୭ ଜଣ ଟେରାକୋଟା ହସ୍ତଶିଳ୍ପୀ ଆଜି ଏହି ରେକର୍ଡ଼କୁ ଭାଙ୍ଗିଛନ୍ତି ।

ସ୍ଥାନୀୟ କଳାଭୂମିଠାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍ଘାଟନ କରି କହିଥିଲେ, "ଟେରାକୋଟା ଏବଂ କୁମ୍ଭାର ଶିଳ୍ପ" ଆମ ସମୃଦ୍ଧ ହସ୍ତଶିଳ୍ପର ପରିଚୟ । ଟେରାକୋଟା ଶିଳ୍ପୀମାନେ ଆମ ଐତିହ୍ୟର ବାର୍ତ୍ତାବହ । ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ । ଟେରାକୋଟା ଶିଳ୍ପୀମାନଙ୍କ ପାଇଁ ଆଜି ଆମେ ଗର୍ବିତ । ପ୍ରତିଯୋଗିତା ପରେ ରେକର୍ଡ଼ ସୃଷ୍ଟି କରିଥିବା ଟେରାକୋଟା ହସ୍ତଶିଳ୍ପୀମାନଙ୍କୁ ମାନନୀୟ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ଡକ୍ଟର ନିବେଦିତା ପୁଷ୍ଟି, ପଦ୍ମଶ୍ରୀ ବିନୋଦ ମହାରଣା, ଜାତୀୟ ପୁରସ୍କାର ପ୍ରାପ୍ତ ଟେରାକୋଟା କାରିଗର ମନବୋଧ ରଣା ଓ ମୁକୁନ୍ଦ ରଣା, ସିଡାକର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, "ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍"ର ଉପସଭାପତି ରାଜୀବ ଶ୍ରୀବାସ୍ତବ ଓ ନିର୍ଦ୍ଦେଶକ ରାଜେଶ ଶୁକ୍ଲା, ଯୁଗ୍ମ ସଚିବ ମମତା ନାୟକ, ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ରାକେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଭୋକାଲ ଫର ଲୋକାଲ ମାଧ୍ୟମରେ ସ୍ୱଦେଶୀ ହସ୍ତଶିଳ୍ପ ଓ ଟେରାକୋଟା ହସ୍ତଶିଳ୍ପର ପ୍ରଚାର ପ୍ରସାର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୬୪ଟି ହସ୍ତଶିଳ୍ପ ମଧ୍ୟରୁ "ଟେରାକୋଟା ଏବଂ କୁମ୍ଭାର ଶିଳ୍ପ" ହେଉଛି ଅତ୍ୟନ୍ତ ପୁରାତନ ହସ୍ତଶିଳ୍ପ । ଏହି ହସ୍ତଶିଳ୍ପ ମାଧ୍ୟମରେ ରାଜ୍ୟରେ ୩୬ ହଜାରରୁ ଅଧିକ କାରିଗର ଜୀବିକା ନିର୍ବାହ କରୁଛନ୍ତି । ରାଜ୍ୟରେ ୪୦ ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି ।

## ଆମାଜନରେ ପ୍ରୋଟିନ ସାମଗ୍ରୀ ଉପରେ ୪୫% ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର, ୨୬।୨ (ନି.ପ୍ର) :** ଆମାଜନ.ଇନ ବିଶ୍ୱ ପ୍ରୋଟିନ ଦିବସ ପାଳନ ପାଇଁ ୨୮ ଫେବୃଆରୀ ପର୍ଯ୍ୟ' ଚାଲୁ ରହିଥିବା 'ପ୍ରୋଟିନ୍ ସପ୍ତାହ' ଆରମ୍ଭ କରି ଭାରତର ସୁସ୍ଥତା ବିପ୍ଳବକୁ ପ୍ରୋତ୍ସାହିତ କରୁଛି। ଗ୍ରାହକମାନେ ଦେଶର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡରୁ ହ୍ୱେ ପ୍ରୋଟିନ୍, ପ୍ଲାଂଟ ଏବଂ ୟେଷ୍ଟ-ଆଧାରିତ ପ୍ରୋଟିନ୍, ସପ୍ଲିମେଂଟ, ପ୍ରୋଟିନ୍ ବାର୍ ଏବଂ ପାନୀୟ ପାଇଁ ପ୍ରସ୍ତୁତ ବିକଳ୍ପଗୁଡ଼ିକରେ ୪୫% ପର୍ଯ୍ୟନ୍ତ ସଂଚୟ ଉପଭୋଗ କରିପାରିବେ। ବିଶ୍ୱବ୍ୟାପୀ ପ୍ରଶଂସିତ ହ୍ୱେ ଆଇସୋଲେଟ୍ସ ଏବଂ ଅପ୍ଟିମମ୍ ନ୍ୟୁଟ୍ରିସନ୍ ଗୋଲ୍ଡ ଷ୍ଟାଣ୍ଡାର୍ଡ ଭଳି ଆଇକନିକ ମିଶ୍ରଣରୁ ଟାର୍ଗେଟେଡ୍ ମାସ୍ ଗେନର୍ସ ପର୍ଯ୍ୟନ୍ତ, କ୍ରେତାମାନେ ପ୍ରତ୍ୟେକ ଫିଟନେସ୍ ଲକ୍ଷ୍ୟ ସହିତ ମେଳ ଖାଉଥିବା ଉତ୍ପାଦର ଏକ ବିସ୍ତୃତ ପରିସର ଆବିଷ୍କାର କରିପାରିବେ।

ଏଥିରେ ଲୋକପ୍ରିୟ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ରହିଛି ମସଲବ୍ଲେଜ୍, ଦି ହୋଲ୍ ଟ୍ରୁଥ୍, କସମିକ୍ସ, ଆଇସୋପିଓର, ଆଭାଟର, ନ୍ୟୁଟ୍ରାବେ, ଡାଇମାଟାଇଜ୍, ନ୍ୟୁଟ୍ରିସନ, ୱେଲବିଇଂ ନ୍ୟୁଟ୍ରିସନ୍, ଅପ୍ଟିମମ୍ ନ୍ୟୁଟ୍ରିସନ୍, ମିଲିୟମ୍, ଓନଲି ହ୍ୱାଟସ ନିଡେଡ୍, ରୋନି କୋଲେମ୍ୟାନ୍, ଟ୍ରୁବେସିକ୍ସ ଓ ଅନ୍ୟାନ୍ୟ। ସେହିଭଳି ଆମାଜନ ନାଓରେ ଅଲ୍ଟ୍ରା-ଫାଷ୍ଟ ଡେଲିଭରି ଠାରୁ ଆରମ୍ଭ କରି ଦିଲ୍ଲୀ ଏନସିଆର, ମୁମ୍ବାଇ ଏବଂ ବାଙ୍ଗାଲୋରର କିଛି ଅଂଶରେ, ସମାନ ଦିନ ଏବଂ ପରବର୍ତ୍ତୀ ଦିନ ବିକଳ୍ପଗୁଡ଼ିକ ପର୍ଯ୍ୟନ୍ତ, ଗ୍ରାହକମାନେ ଆବଶ୍ୟକ ହେଲେ ସେମାନଙ୍କର ପ୍ରୋଟିନ୍ ଡେଲିଭରି ପାଇପାରିବେ। ବିଶ୍ୱ ପ୍ରୋଟିନ ଦିବସ ପାଳନ କରିବା ପାଇଁ, ଆମାଜନ.ଇନ 'ପ୍ରାଇସ୍ କ୍ରାସ୍' ଡିଲର ଶୁଭାରମ୍ଭ କରିଛି, ଯାହା ଗୁଣାତ୍ମକ ପୁଷ୍ଟିକୁ ଅଧିକ ସୁଲଭ କରିଛି। ଏକ ବିତରଣ ନେଟୱର୍କ ସହିତ ଯାହା ସାରା ଭାରତରେ ୧୦୦% ସେବାଯୋଗ୍ୟ ଗ୍ରାହକଙ୍କ ପାଖରେ ପହଂଚିଥାଏ, ଆମାଜନ.ଇନ ଦେଶର ପ୍ରତ୍ୟେକ ଦ୍ୱାରଦେଶରେ ପହଂଚାଏ।

## ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

**ଭୁବନେଶ୍ୱର,୨୬।୨ (ନି.ପ୍ର):** ଓଡ଼ିଶାର ପାରମ୍ପରିକ ଲୋକକଳା 'ଚଇତି ଘୋଡ଼ା ନାଚ'କୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ବିଶିଷ୍ଟ କଳାକାର 'ପଦ୍ମଶ୍ରୀ' ଉତ୍ସବ ଚରଣ ଦାସଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ, ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ନିଜର ନିଖୁଣ ଅଭିନୟ, ଗୀତିକବିତା ଏବଂ ନିର୍ଦ୍ଦେଶନା ମାଧ୍ୟମରେ ସେ ଓଡ଼ିଶାର ଲୋକସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁ ଅବଦାନ ରଖିଛନ୍ତି, ତାହା ଅତୁଳନୀୟ। ତାଙ୍କର ଆତ୍ମବର୍ତ୍ତମାନରେ ଓଡ଼ିଆ। କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ଯ ଓଡ଼ିଶାର ଲୋକକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ତାଙ୍କର ସମର୍ପଣ ଆଗାମୀ ପିଢ଼ିର କଳାକାରମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଶ୍ରୀ ପ୍ରଧାନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ପଶ୍ଚିମ ଓଡ଼ିଶାର ଲୋକମାନେ ନିଯୁକ୍ତି ଏବଂ ଆଇନଗତ ଜୀବିକା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି

**ଭୁବନେଶ୍ୱର, ୨୬।୨ (ନି.ପ୍ର):** ଦକ୍ଷିଣ ପଶ୍ଚିମ ଓଡ଼ିଶାର ମାଲକାନଗିରିରେ ଏକ ବେଆଇନ ହାସ୍ ତେଲ ୟୁନିଟ୍ ସମ୍ପ୍ରତି ଧରାପଡ଼ିବା ଏକ ସରଳ ସତ୍ୟ ପ୍ରକାଶ କରେ। ଯେତେବେଳେ ଲୋକଙ୍କ ପାଖରେ ସ୍ଥାୟୀ ଚାକିରି ନାହିଁ, ସେତେବେଳେ କିଛି ଲୋକ ବଂଚିବା ପାଇଁ ବେଆଇନ କାମର ସାହାରା ନେଇଥାନ୍ତି। ଅନେକ ସମୟରେ ଶିକ୍ଷିତ ଯୁବ ବେକାରୀ ଏବଂ ବେଆଇନ କାର୍ଯ୍ୟକଳାପର ବୃଦ୍ଧି ମଧ୍ୟରେ ଏକ ଦୃଢ଼ ସମ୍ପର୍କ ଦେଖାଏ। ପୋଲିସ କାର୍ଯ୍ୟାନୁଷ୍ଠାନ କିଛି ସମୟ ପାଇଁ ବେଆଇନ କାମକୁ ବନ୍ଦ କରିପାରିବ। କିନ୍ତୁ ଯଦି ଲୋକଙ୍କ ପାଖରେ ଏପର୍ଯ୍ୟନ୍ତ ସୁରକ୍ଷିତ ଚାକିରି ନାହିଁ, ତେବେ ସମସ୍ୟା ପୁଣି ଫେରି ଆସିପାରେ। ପଶ୍ଚିମ ଓଡ଼ିଶାରେ ଅଧିକାଂଶ ଲୋକ ଋତୁକାଳୀନ, କୃଷି-ଭିତ୍ତିକ କାମ ଉପରେ ନିର୍ଭର କରନ୍ତି ଏବଂ ପ୍ରବାସ ଏକ ଆବଶ୍ୟକତା ପାଲଟିଛି। ଏହାର ମୁଖ୍ୟ କାରଣ ହେଉଛି ଏହି ଅଂଚଳରେ ବହୁତ ସୀମିତ ଶିଳ୍ପ କାର୍ଯ୍ୟକଳାପ ଯୋଗୁଁ। ଶିଳ୍ପ ଗୁଡିକ ମୁଖ୍ୟତଃ ଧାତୁ କ୍ଷେତ୍ରରେ ଅଛନ୍ତି କିନ୍ତୁ କଂଚାମାଲ ଘୋର ଅଭାବ ରହିଛି। ଫଳସ୍ୱରୂପ, ଏହି ଶିଳ୍ପଗୁଡ଼ିକ କ୍ଷମତା ତଳେ କାର୍ଯ୍ୟ କରନ୍ତି ଏବଂ ସ୍ଥାୟୀ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୁଅନ୍ତି। ଓଡ଼ିଶାର ବିଶାଳ ଖଣିଜ ସମ୍ପଦର ଭଣ୍ଡାର ରହିଛି - ବିଶେଷକରି ଏହାର ଅବ୍ୟବହୃତ ବକ୍ସାଇଟ୍ ସଂରକ୍ଷଣ, ଯାହା ଜୀବିକା ପାଇଁ ଏକ ଦୀର୍ଘକାଳୀନ ସାଂରଚନିକ ସମାଧାନ ଉପସ୍ଥାପନ କରେ। ଏହି ଖଣିଜ ସଂରକ୍ଷଣଗୁଡ଼ିକୁ ବ୍ୟବହାର କରି, ରାଜ୍ୟ ହଜାର ହଜାର ପରିବାରକୁ ସ୍ଥିର, ବର୍ଷସାରା ଆର୍ଥିକ ଆୟ ପ୍ରଦାନ କରିପାରିବ, ଏକ 'ଜୀବିକା ଢାଲ' ସୃଷ୍ଟି କରିପାରିବା ସହିତ ଯୁବକମାନଙ୍କୁ ବେଆଇନ କାର୍ଯ୍ୟକଳାପ କିମ୍ବା କଷ୍ଟକର ପ୍ରବାସ ହେବାରୁ ରକ୍ଷା କରିପାରିବ। ଦାୟିତ୍ୱପୂର୍ଣ୍ଣ ଖଣି ଖନନ ଏହାର ନିମ୍ନଗାମୀ ଶିଳ୍ପଗୁଡ଼ିକ କଳାହାଣ୍ଡି ଏବଂ ରାୟଗଡ଼ା ଭଳି ସମ୍ପଦ-ସମୃଦ୍ଧ ଜିଲ୍ଲାଗୁଡ଼ିକୁ ଆର୍ଥିକ ଅବହେଳାର କେନ୍ଦ୍ରରୁ ମର୍ଯ୍ୟାଦାପୂର୍ଣ୍ଣ, ଆନୁଷ୍ଠାନିକ ନିଯୁକ୍ତିର କେନ୍ଦ୍ରରେ ପରିଣତ କରିବାର ଅନନ୍ୟ ସମ୍ଭାବନା ରଖିଛି। ଯେତେବେଳେ ଆୟ ଅନିଶ୍ଚିତ ଥାଏ, କିଛି ଲୋକ ଭୁଲ କାର୍ଯ୍ୟରେ ଟାଣି ହୋଇଯାଆନ୍ତି। କେହି ନିଜ ଇଚ୍ଛାରେ ଅପରାଧ କରନ୍ତି ନାହିଁ, ପ୍ରାୟତଃ ଏହା ବାଧ୍ୟତାମୂଳକ,' ପ୍ରଭାବିତ ଅଂଚଳର ଜଣେ ଗ୍ରାମବାସୀ କହିଛନ୍ତି। ଅନ୍ୟ ଜଣେ ବାସିନ୍ଦା ଆହୁରି କହିଛନ୍ତି, 'କାମ ଉପଲବ୍ଧ ଅଛି, କିନ୍ତୁ ବର୍ଷ ସାରା ନୁହେଁ, ଏବଂ ଏହା ପରିବାର ପ୍ରତିପାଳନ ପାଇଁ ଯଥେଷ୍ଟ ଦରମା ଦିଏ ନାହିଁ। ଆମେ କେବଳ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ଚାହୁଁଛୁ। ଯଦି ସ୍ଥାନୀୟ ଭାବରେ ସ୍ଥିର ଚାକିରି ସୃଷ୍ଟି ହୁଏ, ତେବେ ଅପରାଧ ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ। ଉଲ୍ଲେଖନୀୟ ଯେ, ମାଲକାନଗିରି ଏବଂ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲା, କଳାହାଣ୍ଡି ଏବଂ ରାୟଗଡ଼ା ସମେତ, ଭାରତର ସମ୍ପଦ ସମୃଦ୍ଧ ଅଂଚଳ ମଧ୍ୟରୁ ଗୋଟିଏ ଅଟେ ଯେଉଁଠାରେ ବକ୍ସାଇଟ୍ ର ପ୍ରଚୁର ପରିମାଣରେ ଗଚ୍ଛିତ ଅଛି - ବିମାନ ଚଳାଚଳ, ବୈଦ୍ୟୁତିକ ଗତିଶୀଳତା ଏବଂ ଭିତିଭୂମି ଭଳି କ୍ଷେତ୍ରରେ ବ୍ୟବହୃତ ଆଲୁମିନିୟମ ପାଇଁ ପ୍ରାଥମିକ କଂଚାମାଲ ଅଟେ। ଶିଳ୍ପ ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି ଯେ ଦାୟିତ୍ୱପୂର୍ଣ୍ଣ ଖଣି, ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ମୂଲ୍ୟ ବୃଦ୍ଧି ସମଗ୍ର ଅଂଚଳରେ ସ୍ଥିର, ଭଲ ଦରମା ପ୍ରଦାନକାରୀ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖିଛି। ଓଡ଼ିଶାର ଖଣିଜ ସମ୍ପଦ ସ୍ଥାନୀୟ ଅର୍ଥନୈତିକ ସ୍ଥିରତା ନିର୍ମାଣ ପାଇଁ ଏକ ସାଂରଚନିକ ସୁଯୋଗ ପ୍ରଦାନ କରେ। ସେହି ପ୍ରାକୃତିକ ସୁବିଧାକୁ ମର୍ଯ୍ୟାଦାଜନକ ଜୀବିକାରେ ପରିଣତ କରିବା ଦ୍ୱାରା ସଙ୍କଟ-ଚାଳିତ ପସନ୍ଦ ହ୍ରାସ ପାଇପାରେ ଏବଂ ଅବୈଧ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ କବଜା କରୁଥିବା ସ୍ଥାନକୁ ବନ୍ଦ କରିପାରେ। ଏକ ସୁରକ୍ଷିତ ଏବଂ ଅଧିକ ସମୃଦ୍ଧ ଓଡ଼ିଶା ପାଇଁ, ନୀତିଗତ ଧ୍ୟାନ ସକ୍ରିୟ ଜୀବିକା ସୃଷ୍ଟି ଆଡ଼କୁ ପ୍ରତିକ୍ରିୟାଶୀଳ ପ୍ରବର୍ତ୍ତନଠାରୁ ଆଗକୁ ବଢ଼ି ସକ୍ରିୟ ଜୀବିକା ସୃଷ୍ଟି ଆଡ଼କୁ ଯିବା ଉଚିତ।

## Ai+ Smartphone NovaPods I NovaWatch ସହିତ AIoT ଇକୋସିଷ୍ଟମ ଲଞ୍ଚ କଲା

**ନୂଆଦିଲ୍ଲୀ,୨୬।୨ (ନି.ପ୍ର):** Ai+ Smartphone ଆଜି NovaPods I NovaWatch ଲଞ୍ଚ କରି AIoT ଇକୋସିଷ୍ଟମରେ ତାଙ୍କର ବିସ୍ତାର ଘୋଷଣା କରିଛି। ବ୍ରାଣ୍ଡ ତାଙ୍କର ପରବର୍ତ୍ତୀ ସ୍ମାର୍ଟଫୋନ ଶୃଙ୍ଖଳା Pulse 2 ଓ Nova 2 ସିରିଜ ମଧ୍ୟ ଘୋଷଣା କରିଛି। Pulse ୨ ମାର୍ଚ୍ଚ ୨ ରେ ଲଞ୍ଚ ହେବ ଏବଂ ତାହା ପରେ Nova ୨ ସିରିଜ ଆସିବ। ଭାରତରେ ପ୍ରଯୁକ୍ତିକୁ ସବୁଙ୍କ ପାଇଁ ସହଜ ଓ ଉପଲବ୍ଧ କରିବାର ଇସ+ ର ଲକ୍ଷ୍ୟର ପରବର୍ତ୍ତୀ ପଦକ୍ଷେପ ଭାବରେ Pulse ୨ କୁ ଡିଜାଇନ କରାଯାଇଛି। ଏହା ସରଳ, ସ୍ମୁଥ ଓ ଅଧିକ ବିଶ୍ୱାସଜନକ ଅନୁଭବ ଦେବାକୁ ତିଆରି କରାଯାଇଛି ଏବଂ ସହଜ ମୂଲ୍ୟରେ ଉପଲବ୍ଧ ହେବ। ଏଥିରେ ୫୦MP AI ଡୁଆଲ କ୍ୟାମେରା ଓ ୮ଗଚ ଫ୍ରଣ୍ଟ କ୍ୟାମେରା ରହିଛି, ଯାହା ବିଭିନ୍ନ ଆଲୋକ ପରିସ୍ଥିତିରେ ଭଲ ଫଟୋଗ୍ରାଫି ଓ ସୁନ୍ଦର ସେଲଫି ନେବାର ସୁବିଧା ଦେବ। ଏହାସହିତ ଦିନଭରି ବ୍ୟବହାର ପାଇଁ ସବୁଠାରୁ ସ୍ଲିମ ୬୦୦୦mAh ବ୍ୟାଟେରି ଓ ବକ୍ସରୁ ସିଧା Android ୧୬ ଆଧାରିତ NxtQuantum OS



ମିଳିବ। ଜୁଲାଇ ୨୦୨୫ ରେ ଆରମ୍ଭ ହେବା ପରେ ଏକ ବର୍ଷ ମଧ୍ୟରେ Ai+ ପ୍ରାୟ ୧୦ ଲକ୍ଷ ବ୍ୟବହାରକାରୀ ସଂଗ୍ରହ କରିଛି। NovaPods I NovaWatch ଫେବୃଆରୀ ୨୭ ଦିନ ୧୨ଟାରୁ Flipkart ରେ ବିକ୍ରୟ ପାଇଁ ଉପଲବ୍ଧ ହେବ। ଏହି ଲଞ୍ଚ ଭିତରେ ୱାୟରଲେସ ଅଡିଓ, ବାୟୋମେଟ୍ରିକ ଇୟରବଡ୍ସ, ଓପେନ-ୱେୟାର ଲାଇଫଷ୍ଟାଇଲ ଫର୍ମାଟ, ଫିଟନେସ ୱେୟାରେବଲ ଓ ଶିଶୁମାନଙ୍କ ପାଇଁ ୪ଏ ସ୍ମାର୍ଟୱାଚ ରହିଛି। ଏହାର ମୂଲ୍ୟ "୬୯୯ ରୁ "୭,୯୯୯ ପର୍ଯ୍ୟନ୍ତ ରହିଛି। ସମସ୍ତ ପ୍ରଡକ୍ଟ ମାଧ୍ୟମରେ ବ୍ରାଣ୍ଡ ଦୈନିକ ପ୍ରଯୁକ୍ତିକୁ ଅଧିକ ସହଜ, ଉପଯୋଗୀ ଓ ସବୁଙ୍କ ପାଇଁ ପହଞ୍ଚ ଭିତରେ ଆଣିବାର ପ୍ରତିଶ୍ରୁତି ପୁନରୁଚ୍ଚାରଣ କରିଛି।

Ai+ Smartphone e CEO I NxtQuantum Shift Technologies ର ସ୍ଥାପକ ମାଧବ ଶେଠ କହିଛନ୍ତି। ଏକ ବର୍ଷ ମଧ୍ୟରେ ପ୍ରାୟ ୧୦ ଲକ୍ଷ ବ୍ୟବହାରକାରୀ Ai+ କୁ ବାଛିଛନ୍ତି ଓ ସେହି ବିଶ୍ୱାସ ଉପରେ ଆମେ ଆଗକୁ ବଢୁଛୁ। ଏହି AIoT ଫ୍ଞି ଆମର ଇକୋସିଷ୍ଟମକୁ କେବଳ ଫୋନରୁ ସଙ୍ଗୀତ, ଗତିବିଧି, ସ୍ୱାସ୍ଥ୍ୟ ଓ ପରିବାର ସୁରକ୍ଷା ପର୍ଯ୍ୟନ୍ତ ବିସ୍ତାର କରେ। ଆମେ ଏକାଧିକ ଶ୍ରେଣୀରେ ପ୍ରବେଶ କରୁଛୁ ଓ ପ୍ରଥମ ଦିନରୁ ବିଭିନ୍ନ ମୂଲ୍ୟ ଶ୍ରେଣୀରେ ପରିବର୍ତ୍ତନ ଆଣୁଛୁ। ଆମର ମୁଖ୍ୟ ଲକ୍ଷ୍ୟ - ଇଣ୍ଟିଗ୍ରେସନ, ଏକ୍ସେସିବିଲିଟି ଓ ସ୍କେଲ।

ଅଡିଓ ବିଭାଗରେ NovaPods ଲାଇନଅପ୍ରେ ଏକ୍ଟ, Pro I Clips ରହିଛି, ଯାହା ବିଭିନ୍ନ ଶୁଣିବା ଆବଶ୍ୟକତା ପୂରଣ ପାଇଁ ଡିଜାଇନ କରାଯାଇଛି। ଏହି ଡିଭାଇସଗୁଡ଼ିକ (ମୋଡେଲ ଅନୁସାରେ) ସର୍ବାଧିକ ୩୦ ଘଣ୍ଟା ପ୍ଲେବ୍ୟାକ, ସ୍ୱଷ୍ଟ କଲ ପାଇଁ ମଲ୍ଟି-ମାଇକ ENC I IPX4 ସୁରକ୍ଷା ଦେଇଥାଏ। ବିଶେଷକରି Clips Fashion Forward Tech ଧାରଣା ଦେଇଥାଏ, ଯାହା ଟେକ୍ନୋଲୋଜିକୁ ଫ୍ୟାଶନ ଆକ୍ସେସରି ଭାବେ ବ୍ୟବହାର କରିବାର ସୁବିଧା ଦେଇଥାଏ।

## କଟକରେ ଜେଲିଓ ଇ-ମୋବିଲିଟିର ନୂତନ ଉତ୍ପାଦନ ପ୍ଲାଂଟ ସ୍ଥାପିତ

**ଭୁବନେଶ୍ୱର, ୨୬।୨ (ନି.ପ୍ର) :** ଦ୍ରୁତ ବିକଶିତ ଇଲେକ୍ଟ୍ରିକ ଦୁଇ ଏବଂ ତିନି ଚକିଆ ବାହନ ନିର୍ମାତା, ଜେଲିଓ ଇ-ମୋବିଲିଟି ପକ୍ଷରୁ କଟକରେ ଏକ ନୂତନ ମ୍ୟାନୁଫ୍ୟାକ୍ଚରିଂ ପ୍ଲାଂଟର ଶୁଭାରମ୍ଭ କରଯାଇଛି । ଯାହା ପୂର୍ବ ଭାରତରେ ଏହାର ବିସ୍ତାରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଅସାଧାରଣ ଅଭିବୃଦ୍ଧି ଏବଂ ଦୃଢ଼ ଗ୍ରାହକ ଗ୍ରହଣୀୟତା ପରେ ଏହି ନିଷ୍ପତି ନିଆଯାଇଛି ଏବଂ ଏହି ସ୍ଥାନଗୁଡ଼ିକ କମ୍ପାନୀର ସବୁଠାରୁ ଭଲ ମାର୍କେଟ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି। ଏହି ପ୍ଲାଂଟ ସ୍ଥାପନ କରିବା ଦ୍ୱାରା ଡେଲିଭରି ସମୟସୀମା କମ ହେବା ସହିତ ଏହା ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ଏବଂ ଯୋଗାଣ ଦକ୍ଷତାରେ ଉନ୍ନତି ଆଣିବ। ୩ କୋଟି ଟଙ୍କାରୁ କମ ନିବେଶ ସହିତ, ଏହି ଫ୍ୟାସିଲିଟୀ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇସାରିଛି





ଏବଂ ଏହା ତୁର' ରାଜସ୍ୱ ଯୋଗଦାନ କରିବା ଆରମ୍ଭ କରିବ ବୋଲି ଆଶା କରାଯାଉଛି। ଜେଲିଓ ଆଶା କରୁଛି ଯେ ଓଡ଼ିଶା ୟୁନିଟ୍ ଏହାର ବ୍ୟବସାୟିକ ପଥରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ସମ୍ଭାବ୍ୟ ପ୍ରୋତ୍ସାହନ ଏବଂ ସହାୟତା କାର୍ଯ୍ୟକ୍ରମ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହିତ ମଧ୍ୟ ସମ୍ପର୍କ ଜାରି ରହିଛି । ଏହି ଫେସିଲିଟୀ ଉତ୍ପାଦନ, ପରିଚାଳନା ଏବଂ ସମ୍ବନ୍ଧିତ କାର୍ଯ୍ୟରେ ପ୍ରାୟ ୬୦ ରୁ ୧୦୦ ସ୍ଥାନୀୟ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ଫ୍ୟାସିଲିଟୀ କାର୍ଯ୍ୟକାରୀ ହେବା ସହିତ, ଜେଲିଓ'ର ମୋଟ ସ୍ଥାପିତ ଉତ୍ପାଦନ କ୍ଷମତା ପୂର୍ବରୁ ବାର୍ଷିକ ୭୨,୦୦୦ ୟୁନିଟରୁ ବୃଦ୍ଧି ପାଇ ୧,୮୦,୦୦୦ ୟୁନିଟ୍ ହୋଇପାରିଛି।

ଏହି ଯୋଜନା ବିଷୟରେ ମତବ୍ୟକ୍ତ କରି ଜେଲିଓ ଇ-ମୋବିଲିଟିର ପରିଚାଳନା ନିର୍ଦ୍ଦେଶକ କୁନାଲ ଆର୍ଯ୍ୟ କହିଛନ୍ତି, 'ପୂର୍ବ ଭାରତ ଆମର ସବୁଠାରୁ ଶକ୍ତିଶାଳୀ ଅଭିବୃଦ୍ଧି କ୍ଷେତ୍ର ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି, ଗ୍ରାହକମାନେ ଆମ ଉତ୍ପାଦଗୁଡ଼ିକ ଉପରେ ବହୁତ ଅଧିକ ବିଶ୍ୱାସ ପ୍ରଦର୍ଶନ କରୁଛନ୍ତି। କଟକରେ ଫେସିଲିଟୀ ସ୍ଥାପନ କରିବା ଦ୍ୱାରା ଆମେ ଆମର ରାଇଡର୍ସ ଏବଂ ଡିଲରଙ୍କ ଅଧିକ ନିକଟତର ହୋଇପାରୁଛୁ, ଯାହାଦ୍ୱାରା ଦ୍ରୁତ ଡେଲିଭରୀ, କମ୍ ଲଜିଷ୍ଟିକ୍ସ ଖର୍ଚ୍ଚ ଏବଂ ଉନ୍ନତ ସେବାଯୋଗ୍ୟତାକୁ ସକ୍ଷମ ହୋଇପାରୁଛି।' ଏହା ସହିତ, କଟକ ପ୍ଲାଂଟ ପୂର୍ବ ଏବଂ ଦକ୍ଷିଣ ଭାରତରେ ଜେଲିଓର ଦ୍ରୁତ ଗତିରେ ବଢୁଥିବା ଡିଲରସିପ୍ ନେଟୱାର୍କକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ମୋରେପେନ୍ ୮୨୫ କୋଟି ଟଙ୍କାର ଗ୍ଲୋବାଲ୍ ଡିଲ୍ ହାସଲ କରିଛି

**ଭୁବନେଶ୍ୱର, ୨୬।୨ (ନି.ପ୍ର) :** ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ (ଏନ୍ଏସ୍ଇ : ମୋରେପେନ୍ଲ୍ୟାବ ; ବିଏସ୍ଇ: ୫୦୦୨୮୮) ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ଫାର୍ମା ମେଜରରୁ ପ୍ରାୟ ୮୨୫ କୋଟି ଟଙ୍କା (୯୧ ମିଲିୟନ୍ ଆମେରିକୀୟ ଡଲାର) ମୂଲ୍ୟର ଏକ ବହୁ-ବର୍ଷୀୟ ଚୁକ୍ତିନାମା ବିକାଶ ଏବଂ ଉତ୍ପାଦନ ସଂଗଠନ (ସିଡିଏମ୍ଓ) ଆଦେଶ ହାସଲ କରିଛି। ଏହି ଆଦେଶ ଅଧୀନରେ ଯୋଗାଣ ଆସନ୍ତା ୪-୫ ମାସ ମଧ୍ୟରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି, ପାରମ୍ପାରିକ କାର୍ଯ୍ୟକ୍ଷମ ଏବଂ ନିୟାମକ ପ୍ରକ୍ରିୟା ଅଧୀନରେ ପରବର୍ତ୍ତୀ ଆର୍ଥିକ ବର୍ଷର ପ୍ରଥମ





ତ୍ରୈମାସିକ ସୁଦ୍ଧା କାର୍ଯ୍ୟକାରିତା ଧାର୍ଯ୍ୟ କରାଯାଇଛି । ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି,'ଏହି ଆଦେଶ ମୋରେପେନର ଉତ୍ପାଦନ ପ୍ଲାଟଫର୍ମର ବିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟକୁ ପ୍ରତିନିଧିତ୍ୱ କରେ । ଏହା ଆମର ଗୁଣବତା ପ୍ରଣାଳୀ, ନିୟାମକ ଟ୍ରାକ୍ ରେକର୍ଡ ଏବଂ କାର୍ଯ୍ୟକାରିତା କ୍ଷମତା ଉପରେ ବିଶ୍ୱସ୍ତରୀୟ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ । ବର୍ଷ ବର୍ଷ ଧରି, ଆମେ ଆମର ଭିତିଭୂମି ଏବଂ ଅନୁପାଳନ ଗଭୀରତାକୁ କ୍ରମାଗତ ଭାବରେ ମଜବୁତ କରିଛୁ, ବୃହତ୍, ଦୀର୍ଘକାଳୀନ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣକୁ ସକ୍ଷମ କରିଛୁ।

## ଟ୍ରାଇଡେଂଟ ଲିମିଟେଡ ପକ୍ଷରୁ ବଡ ନିଯୁକ୍ତି ସୁଯୋଗ ଘୋଷଣା

**ଭୁବନେଶ୍ୱର, ୨୬।୨ (ନି.ପ୍ର) :** ଭାରତର ପ୍ରତିଷ୍ଠିତ କମ୍ପାନୀ ଟ୍ରାଇଡେଂଟ ଲିମିଟେଡ୍ ପକ୍ଷରୁ ଏକ ବଡ଼ ଧରଣର ନିଯୁକ୍ତି ସୁଯୋଗ ଘୋଷଣା କରାଯାଇଛି। କମ୍ପାନୀ ନିଜର ଉତ୍ପାଦନ ବିଭାଗରେ ୩୦୦୦ରୁ ଅଧିକ ନୂଆ ନିଯୁକ୍ତି ଦେବାକୁ ଯାଉଛି। ବୟନ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବଢ଼ାଇବା ଏବଂ ରୋଜଗାର ସୃଷ୍ଟି କରିବା ଭଳି ଜାତୀୟ ଲକ୍ଷ୍ୟକୁ ସାକାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଏହି ଘୋଷଣା ସମ୍ପର୍କରେ ଟ୍ରାଇଡେଂଟ ଗ୍ରୁପର ଗ୍ରୁପ ସିଏଚଆରଓ ପୁଜା ବି. ଲୁଥ୍ରା କହିଛନ୍ତି, 'ଟ୍ରାଇଡେଂଟରେ ଆମେ ଦୃଢ ଭାବେ ବିଶ୍ୱାସ କରୁ ଯେ, ପ୍ରତିଭା ଭାରତର ନିର୍ମାଣ କ୍ଷେତ୍ର ରୂପାନ୍ତରଣର ମୂଳଦୁଆ ଗଠନ କରିଥାଏ। ଏହି ବୃହତ ସ୍ତରର ନିଯୁକ୍ତି ଅଭିଯାନ ମାଧ୍ୟମରେ ଆମେ ଆମର କର୍ମବଳକୁ ସୁଦୃଢ଼ କରିବା ସହିତ ଏକ ସ୍ଥିର ଓ ଭବିଷ୍ୟତ-ପ୍ରସ୍ତୁତ ନିର୍ମାଣ ଇକୋସିଷ୍ଟମର ଜାତୀୟ ଲକ୍ଷ୍ୟକୁ ପୂରଣ କରିବାରେ ସହଯୋଗ କରୁଛୁ। ବ୍ୟବସାୟିକ ସମ୍ପ୍ରସାରଣ ବାହାରେ, ଦୀର୍ଘସ୍ଥାୟୀ କ୍ୟାରିୟରଗୁଡିକୁ ପ୍ରୋତ୍ସାହିତ କରିବା, ସମୁଦାୟଗୁଡିକୁ ସଶକ୍ତ କରିବା ଏବଂ ଗ୍ଲୋବାଲ ମାନୁଫ୍ୟାକ୍ଚରିଂ ଲିଡରସିପ ଦିଗରେ ଭାରତର ଯାତ୍ରାରେ ସାର୍ଥକ ଯୋଗଦାନ ଦେବା ଉପରେ ଆମର ଗୁରୁତ୍ୱ ଜାରି ରହିଛି।





ଏହି ଅଭିଯାନର ଅଂଶ ଭାବେ ଏକାଧିକ ଟେକ୍ନିକାଲ ଓ ଅପରେଶନାଲ ପୋଜିସନ ଯେପରିକି ଅପରେଟର, ବୁଣାକାର, ଷ୍ଟିଚର, ଫିଟର, ଇଲେକ୍ଟ୍ରିସିଆନ ଓ ଅନ୍ୟାନ୍ୟ ଦକ୍ଷତାର ଭୂମିକାଗୁଡିକ ପାଇଁ ଆବେଦନ ଆମନ୍ତ୍ରଣ କରାଯାଉଛି। ପ୍ରାର୍ଥୀଙ୍କ ଯୋଗ୍ୟତା ଏବଂ ସମ୍ବନ୍ଧିତ ଶିଳ୍ପ ଅଭିଜ୍ଞତା ଉପରେ ଆଧାର କରି ସେମାନଙ୍କୁ ଚୟନ କରାଯିବ। ଟ୍ରାଇଡେଂଟ ବିବିଧ ଦକ୍ଷତା ସ୍ତର ଓ ଅଭିଜ୍ଞତାକୁ ଚିହ୍ନଟ କରିବା ପାଇଁ ଏକ ଢାଂଚାଗତ କମ୍ପେନସେଶନ ଫ୍ରେମୱର୍କ ସ୍ଥାନ କରିଛି।

୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତାଥିବା ପେସାଦାର ବ୍ୟକ୍ତି ୨୫,୦୦୦ ଟଙ୍କାର ଏକ ମାସିକ ବେତନ ପାଇବେ, ସେହିପରି ୩ ବର୍ଷରୁ ଅଧିକ ଓ ୫ ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତା ଥିବା ବ୍ୟକ୍ତି ମାସିକ ୩୬,୦୦୦ ଟଙ୍କାର ବେତନ ପାଇବେ ଏବଂ ୫ ବର୍ଷରୁ ଅଧିକ ଓ ୭ ବର୍ଷ ପର୍ଯ୍ୟନ୍ତ ଉନ୍ନତ ବିଶେଷଜ୍ଞତା ଥିବା ବ୍ୟକ୍ତିଙ୍କୁ ମାସିକ ୫୦,୦୦୦ ଟଙ୍କାର ବେତନ ଦିଆଯିବ। ଏହି ଅଭିଯାନ ମାଧ୍ୟମରେ ଟ୍ରାଇଡେଂଟ ଏହାର ଅଭିବୃଦ୍ଧି କାହାଣୀର ମୂଳ ଉପାଦାନ ଭାବେ ମାନବ ପୁଞ୍ଜିରେ ନିବେଶ କରିବା ଜାରି ରଖିଛି। ଗ୍ରୁପ ସମାବେଶୀ ପ୍ରଗତିକୁ ପ୍ରୋତ୍ସାହିତ କରିବା, ଏହାର ଉତ୍ପାଦନ କ୍ଷମତାକୁ ଶକ୍ତିଶାଳୀ କରିବା ଏବଂ ନିଜର କର୍ମବଳ ପାଇଁ ଦୀର୍ଘକାଳିନ ଆର୍ଥିକ ସୁରକ୍ଷା ଓ କ୍ୟାରିୟର ଆଡ୍ଭାନ୍ସମେଂଟ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ରହିଛି।

## ଜୀବନ ଓ ଜୀବିକାକୁ ସୁଦୃଢ଼ କରିବା ପାଇଁ ଆଦିବାସୀ ସମୁଦାୟଙ୍କର ସାମୂହିକ ସଙ୍କଳ୍ପ

**ରାୟଗଡ଼ା, ୨୫।୨ (ନି.ପ୍ର):** ବିଷମକଟକରେ ତିନି ଦିନ ଧରି ଆୟୋଜିତ ଗ୍ରାମୀଣ ଚର୍ଚ୍ଚା-୨୦୨୬ ଉତ୍ସାହ ଓ ଆଶାଭରା ପରିବେଶରେ ଶେଷ ହୋଇଛି। ଏଥିରେ ଆଦିବାସୀଙ୍କ ଜୀବନ ଓ ସେମାନଙ୍କର ଜୀବିକାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ଓଡିଶା ସମେତ ୭ଟି ରାଜ୍ୟର ଆଦିବାସୀ ସମୁଦାୟଙ୍କ ନେତୃବୃନ୍ଦ, ମହିଳା ଓ ଯୁବବର୍ଗ ଏକତ୍ରିତ ହୋଇ ଏକ ବିକାଶର ନକ୍ସା ପ୍ରସ୍ତୁତ କରିଛନ୍ତି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବହୁମାନ୍ୟଗଣ ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଗଣ ଏବଂ ସ୍ଥାନୀୟ ପଂଚାୟତ ରାଜ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇଥିଲେ। ମାନ୍ୟବର ବ୍ଲକ୍ ଉନ୍ନୟନ ଅଧିକାରୀ, ବିଷମକଟକ ସଭାରେ ଯୋଗଦାନ କରି ଗ୍ରାମୀଣ ଅର୍ଥନୀତି, ପାରମ୍ପରିକ କୃଷି, ଦେଶୀ ଖାଦ୍ୟ ପଦ୍ଧତି ଓ ସ୍ଥାନୀୟ ଜ୍ଞାନର ସୁରକ୍ଷା ଏବଂ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ଅତିଥିଗଣ ତଥା ବକ୍ତାମାନେ ଜଳବାୟୁ ପରିବର୍ତ୍ତନର



ପରିପ୍ରେକ୍ଷିରେ ପାରମ୍ପରିକ ଜ୍ଞାନକୁ ଆଧାର କରି ସହନଶୀଳ ଓ ସ୍ୱାବଲମ୍ବୀ ଜୀବିକା ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ଏହି ଅବସରରେ, ଗ୍ରାମୀଣ ଚର୍ଚ୍ଚା-୨୦୨୬ ର କାର୍ଯ୍ୟକ୍ରମର ପାଂଚଟି ମୁଖ୍ୟ ସ୍ତମ୍ଭ ଉପସ୍ଥାପାନ କରାଯାଇଥିଲା । ସେଗୁଡିକ ହେଲା- ଜଳସେଚନ, ପାନୀୟ ଜଳ ବ୍ୟବସ୍ଥା, ସ୍ଥାନୀୟ ପୁଞ୍ଜିନିବେଶ ଓ ସଂଚୟ ପ୍ରୋତ୍ସାହନ, ଗ୍ରାମସଭା ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ମଜବୁତ କରିବା ଏବଂ ଯୁବବର୍ଗ ଓ ମହିଳା ମାନଙ୍କୁ ସ୍ଥାନୀୟ ଉଦ୍ୟୋଗରେ ସାମିଲ କରିବା। ଆୟୋଜକମାନଙ୍କ ମତାନୁସାରେ, ଗ୍ରାମୀଣ ଚର୍ଚ୍ଚା କେବଳ ଏକ ଆଲୋଚନାର ମଂଚ ନୁହେଁ, ବରଂ ଏହା ଗ୍ରାମୀଣ ମାନସିକତା, ସ୍ଥାନୀୟ ସମ୍ବଳ ଓ ପାରମ୍ପରିକ ଜ୍ଞାନକୁ ଯୋଜନା ପ୍ରକ୍ରିୟା ସହ ସଂଯୋଗ କରିବାର ଏକ ସକ୍ରିୟ ପ୍ରୟାସ। ଶେଷରେ କୃଷି ବିବିଧତା, ହସ୍ତଶିଳ୍ପ, ଯୁବ ନେତୃତ୍ୱ ଓ ସମୁଦାୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସମସ୍ତ ଅଂଶଗ୍ରହଣକାରୀମାନେ ସାମୁହିକ ଭାବେ ସଙ୍କଳ୍ପ ପୁନରୁଚ୍ଚାରଣ କରିଥିଲେ।



# ପିଲା ଚୋର ସନ୍ଦେହରେ ଦୁଇ ବିଏଲଓଙ୍କୁ ଗ୍ରାମବାସୀଙ୍କ ନିସ୍ତୁକ ମାଡ

ଜଳେଶ୍ୱର, ୨୬।୨ (ମନ୍ଥନ): ପିଲା ଚୋର ସନ୍ଦେହରେ ରାଇବଣିଆ। ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ଉତ୍ତେଜନା ଦେଖାଦେଇଛିଯ ଏସ.ଆ।ଇ.ଆ।ର ସର୍ଭେ ପାଇଁ ଆ।ସିଥିବା ଦୁଇ ବିଏଲଓ ଅଧିକାରୀଙ୍କୁ ପିଲା ଚୋର ସନ୍ଦେହରେ ଖୁବ ପିଟିଲେ ଗ୍ରାମବାସୀ। ଅଧିକାରୀଙ୍କୁ ଉଦ୍ଧାର କରିବାକୁ ଯାଇ ଗ୍ରାମବାସୀଙ୍କ ଦ୍ୱାରା ପୋଲିସକୁ ମଧ ହଟହଟା ହେବାକୁ ପଡିଛି।

ସୂଚନାଅନୁଯାୟୀ ବାଲେଶ୍ୱର ଜିଲ୍ଲା ରାଇବଣିଆ। ଥାନା ଅନ୍ତର୍ଗତ ରାଜନଗର ପାଟଣା ଗ୍ରାମରେ ଏହି ଭଳି ଅପ୍ରିତିକର ଘଟଣା ଘଟିଛି। ସୀମାନ୍ତ ପଶ୍ଚିମବଙ୍ଗ ରାଜ୍ୟର ଦୁଇଜଣ ବିଏଲଓ ଏସ୍.ଆ।ଇ.ଆ।ର ସର୍ଭେ ପାଇଁ ସୀମାନ୍ତ ଗ୍ରାମକୁ ଆ।ସିଥିବା ବେଳେ ଓଡିଶା ସୀମା ଗ୍ରାମ ମଧ୍ୟକୁ ପଶି ଆ।ସିଥିଲେ ଯ ଗ୍ରାମରୁ ବାହାରିବା ପାଇଁ





ରାସ୍ତା ପଚାରିବାକୁ ଯାଇ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୋଇ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ ଯ ପିଲା ଚୋର ସନ୍ଦେହରେ ସେମାନଙ୍କୁ ମାରଧର ମଧ କରିଥିଲେ। ପଶ୍ଚିମବଙ୍ଗ ରାଜ୍ୟର ଅଧିକାରୀ ଏ ବିଷୟରେ ଖବର ପାଇ ଓଡିଶାର ସ୍ଥାନୀୟ ଥାନା ରାଇବଣିଆ। ପୋଲିସକୁ ଉଦ୍ଧାର ପାଇଁ ଖବର ଦେଇଥିଲେ ଯ ରାଇବଣିଆ। ପୋଲିସ ଉକ୍ତ ଅଧିକାରୀମାନଙ୍କୁ ଉଦ୍ଧାର ପାଇଁ ଯାଇଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ରାଇବଣିଆ। ପୋଲିସର ଗାଡିକୁ ମଧ ଅଟକ ରଖିଥିଲେ। ଫଳରେ ଗ୍ରାମରେ ଆ।ଇନ ଶୃଙ୍ଖଳା ବିପର୍ଯ୍ୟୟ ହେବା ସହିତ ଉତ୍ତେଜନା ବଢିଯାଇଥିଲା। ଖବର ପାଇଁ ଜଳେଶ୍ୱର ଭାରପ୍ରାପ୍ତ ଏସ୍.ଡି.ପି.ଓ ଚନ୍ଦମଣୀ ସିଂ, ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଆ।ଇ.ଆ।ଇ.ସି ଅଶୋକ କୁମାର ବାରିକ, ରାଇବଣିଆ। ଆ।ଇ.ଆ।ଇ.ସି ଚମ୍ପାବତୀ ସୋରେନ ପ୍ରମୁଖ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଘଟଣା ସ୍ଥଳରେ ପହଂଚିବା ସହିତ ଉତ୍ୟକ୍ତ ଲୋକଙ୍କ କବଳରୁ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ଶେଷରେ ଘଟଣା ସ୍ଥଳରେ ଅତିରିକ୍ତ ଏସ.ପି ନିରଂଜନ ବେହେରା ପଂହଚିବା ସହିତ ଗ୍ରାମରେ ଆ।ଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଉଦ୍ଧାର କରାଯାଇଥିବା ଦୁଇଜଣ ଅଧିକାରୀଙ୍କୁ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ଉଦ୍ଧାର କରାଯାଇଥିବା ପଶ୍ଚିମବଙ୍ଗର ଦୁଇଜଣ ଅଧିକାରୀ ହେଲେ ସୁମିତ ହାଜରା(୪୧) ଓ କୌଶିକ ହାଁସଦା(୫୩)। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ସ୍ଥିତ ଏସ୍.ବି.ଆ।ଇ ବ୍ୟାଙ୍କ କର୍ମଚାରୀ ହୋଇଥିବା ବେଳେ ଜଣେ ପଂଚାୟତ କାର୍ଯ୍ୟାଳୟର କର୍ମଚାରୀ ବୋଲି ଜଣାଯାଇଛି।

# ଜଳୁଛି 'ଭବାନୀ ପାହାଡ଼' : ବିପଦରେ ବନ୍ୟଜନ୍ତୁ

କୋଇଡା, ୨୬।୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ ଅଧିନସ୍ତ ଭବାନୀ ପାହାଡ଼ ଏବେ ନିଆଁ କବଳରେ। ଜଙ୍ଗଲ ସୁରକ୍ଷା ପାଇଁ ସରକାରୀ ସ୍ତରରେ କୋଟି କୋଟି ଆ।ର୍ଥ ଖର୍ଚ୍ଚ ହେଉଛି,କୋଇଡ଼ା ରେଞ୍ଜରୁ ଏହି ଚିତ୍ର ଏହାର ଓଲଟା ସତ୍ୟ ପ୍ରମାଣିତ କରୁଛି। କିଛି ଦିନ ପୂର୍ବରୁ କୋଇଡା ଫରେଷ୍ଟ ଡିଭିଜନ ତରଫରୁ ଜନସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋଟରସାଇକେଲ ମାଧମ ରେ ହୋଇ ଥିବା ଏହି ସଚେତନ ରାଲି ମୂଲ୍ୟ ହୀନ ବୋଲି ଦର୍ଶାଉଛି। ଗୋଟିଏ ପଟେ ଭବାନୀ ପାହାଡ଼ ଅଗ୍ନି ମୟ , ଅନ୍ୟପଟେ। ବନ ବିଭାଗ ଷ୍ଟାଫ ଙ୍କ ପାଖରେ ଏହାର କୌଣସି ଉତ୍ତର ନାହିଁ। ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ପ୍ରକୃତ ସମୟରେ ଏହା ର କିଛି ମୂଲ୍ୟ ନାହିଁ



ଯେପରି ଜଣାପଡୁଛି। ଏହି ବନାଗ୍ନି ଯୋଗୁଁ ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଗଛଲତା ପୋଡ଼ି ହୋଇଯାଉଥିବା ବେଳେ ବନ୍ୟଜନ୍ତୁମାନେ ପ୍ରାଣ ବିକଳରେ ଏପଟ ସେପଟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା ଶିକାରୀ କିମ୍ବା କିଛି ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଉଥିବା ସନ୍ଦେହ କରାଯାଉଛି। ପ୍ରତିବର୍ଷ ବନାଗ୍ନି ରୋକିବା ପାଇଁ 'ଫାୟାର ଲାଇନ୍' (Fire Line) କଟାଯାଏ ଏବଂ ସଚେତନତା ପାଇଁ ଅର୍ଥ ବ୍ୟୟ କରାଯାଏ। କିନ୍ତୁ ଭବାନୀ ପାହାଡ଼ରେ ନିଆଁର ପ୍ରକୋପ ଦେଖିଲେ ମନେ ହେଉଛି ଯେପରି ବିଭାଗୀୟ କାର୍ଯ୍ୟ କେବଳ କାଗଜପତ୍ରରେ ସୀମିତ। ଅଧିକାରୀଙ୍କ ଏଭଳି ଅପାରଗତା ଯୋଗୁଁ ଆ।ଜି ଜଙ୍ଗଲ ଏବଂ ବନ୍ୟଜନ୍ତୁ ବିପଦରେ ଏବଂ ସମଗ୍ର ପାହାଡ଼ ଧୂଆଁମୟ। କୋଇଡା ଡିଭିଜନ ଅଫିସ ର କହିବା ଅନୁଯାଇ ଜଙ୍ଗଲର ଶୁଖିଲା ପତ୍ର ଯୋଗୁଁ ନିଆଁକୁ ଲାଗିଥିବାର ଜଣାପଡୁଛି ବନ ବିଭାଗର କର୍ମଚାରୀ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆ।ୟତ୍ତ କରିବାରେ କିଛି ମାତ୍ରା ରେ ସକ୍ଷମ ହୋଇଛନ୍ତି।

# ହେଲପେଜ ଇଣ୍ଡିଆ ର ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୬।୨ (ନି.ପ୍ର): ଦିନ ହେଲପେଜ ଇଣ୍ଡିଆ। ଭୁବନେଶ୍ୱର ଶାଖା ତରଫରୁ ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ବୟୋଜ୍ୟେଷ୍ଠ ନାଗରିକ ଆ।ବାସର ଅନ୍ତେବାସୀ ମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ହେଲପେଜ ଇଣ୍ଡିଆ। ସଂସ୍ଥା ର ରାଜ୍ୟ ସଂଯୋଜକ ଶ୍ରୀମତୀ ଦେବଶ୍ରୀ ବ୍ରହ୍ମ ଓ ପ୍ରକଳ୍ପ ପରିଚାଳକ ସୁଶ୍ରୀ



ଅନୁସୂୟା ଦାସ ସମସ୍ତ ଅନ୍ତେବାସୀ ସହିତ ପାରସ୍ପରିକ କଥାବାର୍ତା ହୋଇ ସମସ୍ତେ ପାରିବାରିକ ବିଷୟ କୁ ଭୁଲି ନିଜର ମନ ଏକାଗ୍ରତା କରି ଏକ ସୁନ୍ଦର ପରିବେଶ ର ଏହି ଆ।ଶ୍ରମ ରେ ରହିବା ପାଇଁ କହିଥିଲେ ଯେତେବେଳେ ଯେ କୌଣସି ଅନ୍ତେବାସୀ ର ମାନସିକ ଅବସ୍ଥା ର କିଛି ସ୍ୱାଭାବିକ ପରିବର୍ତନ ଜଣାପଡେ ସଂଗେ ସଂଗେ ଡାକ୍ତର ଙ୍କ ପରାମର୍ଶ ନେବା ପାଇଁ ଅନୁରୋଧ କରିଥିଲେ। ଶ୍ରୀ ଶିବ ପ୍ରସାଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶ୍ରୀ ଚତୁର୍ଭୁଜ ଭୋଇ, ସଂଜୁ ବିଶ୍ୱାଳ,କାଁହୁ ଷଡ଼ଙ୍ଗୀ ସହଯୋଗ କରି ଥିଲେ ଏବଂ ଅଧକ୍ଷ୍ୟ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ ଗତ ତା :୯/୯/୨୦୨୫ ରେ ଉକ୍ତ ସଂସ୍ଥା ର କର୍ତ୍ତୃପକ୍ଷ ଆ।ସି ଅନ୍ତେବାସୀ ମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନତା କାର୍ଯ୍ୟକ୍ରମ କରି ଥିଲେ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

କଳାହାଣ୍ଡି, ୨୬।୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆ।ମୂଳ ରାମପୁର ବ୍ଲକ କିଆ।ପଦର ଗ୍ରାମ ପଞ୍ଚାୟତ ଡାଲଗୁମା ଗ୍ରାମରେ ନବ ନିର୍ମାଣ କରାଯାଇଥିବା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଉକ୍ତ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଉକ୍ତ ମନ୍ଦିର ମୁଖ୍ୟମନ୍ତ୍ରୀ ଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୨୦ ଲକ୍ଷ ଅନୁଦାନ ଆ।ସି ବ୍ଲକ ପ୍ରଶାସନ ଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା। ଡାଲଗୁମା ଗ୍ରାମର ଗ୍ରାମବାସୀ ମାନଙ୍କ ଉଦ୍ୟମ କ୍ରମେ ମନ୍ଦିର ପ୍ରତିଷ୍ଠା ପାଇଁ ଆ।ଲୋଚନା କରି ପ୍ରତିଷ୍ଠା ଓ ତା ସଙ୍ଗେ ସଙ୍ଗେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଆ।ୟୋଜନ କରି ଗ୍ରାମରେ ଏକ କମିଟି ଗଠନ କରାଗଲା। କମିଟି ର ସଭାପତି ଭାବେ ଉକ୍ତ ଗ୍ରାମର ମଙ୍ଗଲୁ ମାଝୀ ଏବଂ ସମ୍ପାଦକ ରୁପେ ବଳରାମ ଦେଓ ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ଥିଲା। ପ୍ରଥମ ଦିବସ ୨୪ ତାରିଖ



ଅପରାହ୍ନ ତିନିଟା ସମୟରେ ସଙ୍କୀର୍ତ୍ତନ , ଘଣ୍ଟ ବାଦ୍ୟ ଓ ହୁଳହୁଳି ଶବ୍ଦରେ କଳସଯାତ୍ରା, ସହିତ କଳସାଧିବାସ, କରାଯାଇ ଥିଲା ଯତହିଁ ଆ।ର ଦିନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତା ଭାବରେ ଉକ୍ତ ଗ୍ରାମର ଗୌନ୍ତିଆ। ରବି ନାରାୟଣ ଦେବ ଙ୍କ ଜ୍ୟେଷ୍ଠ ପୁତ୍ର ରାଜେନ୍ଦ୍ର ନାରାୟଣ ଦେବ ଓ ତାଙ୍କ ସ୍ୱଧର୍ମ ପତ୍ନୀ ସସ୍ମିତା ଦେବ ରହିଥିବା ବେଳେ ଅଷ୍ଟ ପ୍ରହର ନାମଯଜ୍ଞ କର୍ତ୍ତା ଭାବରେ କମଳ ଲୋଚନ ସିଂହ ଏବଂ ତାଙ୍କ ସ୍ୱଧର୍ମ ପତ୍ନୀ କବିତା ସିଂହ ରହିଥିବା ବେଳେ ମୁଖ୍ୟ ପୂଜକ ବ୍ରାହ୍ମଣ ପୁରୋହିତ ଶ୍ରୀନିବାସ ମୁଣ୍ଡ , ତାଙ୍କ ସହ ପ୍ରଭାତ କୁମାର ମୁଣ୍ଡ, ମଧୁସୂଦନ ବେହେରା ଏବଂ ତାଙ୍କ ସହିତ ଆ।ଉ ଚାରି ଜଣ ବ୍ରାହ୍ମଣ ସହଯୋଗ କରି ସକାଳ ଆ।ଠ ଘଟିକାରୁ ସୂର୍ଯ୍ୟପୂଜା , ଗୁରୁପୁଜା , ଗୋ ପୂଜା ବିଗ୍ରହ ମାନଙ୍କ ସ୍ନାନ ଶୟନ ଓ ବୈଷ୍ଣବନାମାଗ୍ନି ସ୍ଥାପନ, ଘୃତାଯଜ୍ଞ ଆ।ରମ୍ଭ କରାଯାଇ ଥିଲା। ପରେ ସୂର୍ଯ୍ୟାଦୀ ପୂଜନ ବିଗ୍ରହ ମାନଙ୍କ ରାଧାକୃଷ୍ଣ ମୂର୍ତ୍ତି ଙ୍କ ନ୍ୟାସ ବିଗ୍ରହ ମାନଙ୍କ ନ୍ୟାସ ସହିତ ସ୍ତପ୍ତଶତୀ ଚଣ୍ଡୀପାଠ ଓ ଘୃତାଯଜ୍ଞା କରାଯାଇଥିଲା ଯ ଅନ୍ତିମ ଦିନ ତଥା ୨୬ ତାରିଖ ୧୦ ଘଣ୍ଟା ସମୟରେ ବିଗ୍ରହ ମାନଙ୍କ ସଙ୍କୀର୍ତ୍ତନ, ଘଣ୍ଟବାଦ୍ୟ, ଓ ହୁଳହୁଳି ରେ ଗ୍ରାମ୍ୟ ପରିକ୍ରମା କରି ଦଧି ହାଣ୍ଡି ଭଙ୍ଗ କରାଯାଇଥିଲା। ଉକ୍ତ ପ୍ରହର ନାମଯଜ୍ଞ ରେ କୁଏଲ୍ ଗାଁ ର ଦୁଇଟି, ଚାହାରଭାଟି, ମୁସିଗୁଡ଼ା, ତେନ୍ତୁଳିଖୁଣ୍ଟି ଗ୍ରାମର ଟୁକେଲ ସଙ୍କୀର୍ତ୍ତନ ଦଳଙ୍କ ରାମନାମ ଧ୍ୱନିରେ ସାରା କିଆ।ପଦର ପଞ୍ଚାୟତ ପ୍ରକମ୍ପିତ ହୋଇଉଠୁଥିଲା। ଏଥିରେ ବହୁ ଦୂରଦୂରାନ୍ତରୁ ଭକ୍ତ, ଭଦ୍ରବ୍ୟକ୍ତି ଯୋଗ ଦେଇ ଥିବା ବେଳେ ଥୁଆ।ମୂଳ ରାମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି , ବ୍ଲକ ଷ୍ଟାଫ ସୁନାରାମ ସୋରେନ୍, ସୁଭଜି ସ୍ୱାଇଁ, ମଳୟ ଶତପଥୀ, ଓ ଶେଷ ପର୍ଯ୍ୟାୟରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇ ଥିଲେଯ ପରେ ପରେ ମନ୍ତ୍ରପାଠ , ହୋମ ଯଜ୍ଞ କରି ରାଧାକୃଷ୍ଣ ଙ୍କ ପ୍ରତିମା ମୂର୍ତ୍ତିଙ୍କୁ ମନ୍ଦିର ଗୃହରେ ସ୍ଥାପିତ କରାଯାଇଥିଲା।

# ବିପର୍ଯ୍ୟୟ ପରିଚାଳନା କୃତିମ ଅଭ୍ୟାସ କାର୍ଯ୍ୟକ୍ରମ

ଗଞ୍ଜାମ, ୨୬।୨ (ନି.ପ୍ର): ଗଞ୍ଜାମ ବ୍ଲକ ର ବିଭିନ୍ନ ପଞ୍ଚାୟତରେ ପୃଥକ ପୃଥକ ଭାବେ ବିଦ୍ୟାଳୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କୃତିମ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରପଡା ପଞ୍ଚାୟତ ଲବିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କ୍ୟାରିଟସ ଇଣ୍ଡିଆ। ଓ ଶିକ୍ଷାନୁଷ୍ଠାନ ର ମିଳିତ ସହଯୋଗରେ ଆ।ୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପୁନି ମହାପାତ୍ର ଓ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ସାପ କାମୁଡା, ଜଳରେ ବୁଡିବା,ଅଂଶୁଘାତ, ଅଗ୍ନି ଲାଗିବା,ବଜ୍ରାଘାତ ବେଳେ କିପରି ସୁରକ୍ଷା ଦିଆ।ଯାଇପାରିବ ସେ ସମ୍ପର୍କରେ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେହିପରି ପୋଇରାଶୀ ପଞ୍ଚାୟତ ର ବରପଲ୍ଲୀ ଋଷିକୁଲ୍ୟା ଉଚ୍ଚ ବିଦ୍ୟାପୀଠରେ ମଧ



ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ପୁରୁଷୋତ୍ତମପୁର ପୁର ଅଗ୍ନିଶମ ବିଭାଗ ଯୋଗଦେଇ ବିଭିନ୍ନ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ମକଡ୍ରିଲ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମ ରେ କ୍ୟାରିଟସ ଇଣ୍ଡିଆ। ର ସ୍ୱେଚ୍ଛାସେବୀ ପୁନି ମହାପାତ୍ର ପୌରୋହିତ୍ୟରେ ଆ।ୟୋଜିତ ହୋଇଥିବା ବେଳେ ପୋଇରାଶି ପଞ୍ଚାୟତ ସରପଞ୍ଚ ରବିନ୍ଦ୍ର ନାଥ ବେହେରା, ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଓ ସମାଜସେବୀ ମିନି ମହାପାତ୍ର ଉପସ୍ଥିତ ରହିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅବିଭାବକ, ଶିକ୍ଷକ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ଜିଲ୍ଲା ପରିବହନ ବିଭାଗ ଓ ଡେଲାଙ୍ଗ ପୁଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା

ଡେଲାଙ୍ଗ,୨୬।୨ (ନି.ପ୍ର) : ଡେଲାଙ୍ଗ ପୁଲିସ ଓ ଜିଲ୍ଲା ପରିବହନ ବିଭାଗର ମିଳିତ ଉଦ୍ୟମ ରେ ଗୁରୁବାର ଡେଲାଙ୍ଗ ହାଟ ବଜାର ଓ ଷ୍ଟେସନ ବଜାର ଠାରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଡି ଚାଳକମାନଙ୍କୁ ଟ୍ରାଫିକ ନିୟମ ମାନି ଗାଡି ଚଳାଇବାକୁ ସଚେତନ କରାଯାଇଛି। ଏହି



କାର୍ଯ୍ୟକ୍ରମ ରେ ଡେଲାଙ୍ଗ ଥାନା ଦାୟିତ୍ୱରେ ଥିବା ଥାନା ଅଧିକାରୀଣି ମମତା ବିଶ୍ୱାଳ ,ଜିଲ୍ଲା ପରିବହନ ବିଭାଗ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର, ଏ ଏସ ଆ।ଇ ସନ୍ତୋଷ କୁମାର ସେଠୀ, ସିପେହି ରଶ୍ମୀରଞ୍ଜନ ନାୟକ, ଡେଲାଙ୍ଗ ଥାନା ଏ ଏସ ଆ।ଇ ବିନୋଦିନୀ ବେହେରା, ସିପାହୀ କୃଷ୍ଣଚନ୍ଦ୍ର ମଲ୍ଲିକ୍, ମିଥୁନ ସିଂହ, ଗୃହରକ୍ଷୀ ପ୍ଲାଟୁନ୍ କମାଣ୍ଡର ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଟ୍ରାଫିକ୍ ସଚେତନା ଦିଗରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବିନା ହେଲମେଟରେ ଗାଡି ଚଳାଉଥିବା ୫୦ ଜଣ ଗାଡିଚାଳକଙ୍କୁ ହେଲମେଟ୍ ପ୍ରଦାନ କରାଯାଇଛି। ଏବଂ ନିୟମମାନି ହେଲ୍ମେଟ ପିନ୍ଧିଥିବା ଗାଡି ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେହିପରି ରାସ୍ତା ଠାରୁ ଦୂରତା ରକ୍ଷାକରି ଦୋକାନ ଖୋଲିବାକୁ ବଜାର କମିଟିଙ୍କୁ ପୋଲିସ ପକ୍ଷରୁ ନିର୍ଦେଶ ଦିଆ।ଯାଇଛି।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କଟକ ବିଡାନାସୀ ଫୁଟବଲ ଏକାଡେମୀ

ଖଣ୍ଡପଡ଼ା, ୨୬/୨ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ କ୍ରିଡାଙ୍ଗନରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆ।ଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସ୍ପୋର୍ଟସ ଆ।ସୋ।ସିଏସନ ଆ।ନୁକୁଲ୍ୟରେ ଆ।ୟୋଜିତ ପ୍ରଥମ ସେମିରେ କଟକ ବିଡାନାସୀ ଫୁଟବଲ ଏକାଡେମୀ ଟାଇବ୍ରେକର ଜରିଆ।ରେ ୫-୩ ଗୋଲରେ କଟକ ବାପୁଜୀ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳକୁ ପରିଚାଳନା କରିଥିଲା ବେଳେ ପ୍ରସନ୍ନ ନାୟକ ଏବଂ ରମେଶ ପାଇକରାୟ ଲାଇନରେ ସହାୟତା କରିଥିଲେ ଏବଂ ସମୀର ଖୁଣ୍ଟିଆ। ଚତୁର୍ଥ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ।



ଆ।ଜି ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ବିଧାୟକ ଦୁଷ୍ମନ୍ତ କୁମାର ସ୍ବାଇଁ, କଟକ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ୧୯ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାହୁ, ସମାଜସେବୀ ଅଖିଳ କୁମାର ମହାରଣା, ଏନଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ପଣ୍ଡିତ ମନୋଜ ଦାଶ, ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର, ଖଣ୍ଡପଡ଼ାର ପ୍ରଥମ ସରପଞ୍ଚ ଧନେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଷ କୁମାର ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆ।ସନ୍ତାକାଲି ଦ୍ୱିତୀୟ ସେମିରେ ଢେଙ୍କାନାଳ ପତାକା କ୍ଲବ ଏବଂ ଜଟଣୀ ଫ୍ରେଣ୍ଡ୍ସ ପାରାଡାଇଜ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆ।ୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

# ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ବୁଗୁଡା, ୨୬।୨ (ନି.ପ୍ର) : ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱକାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଥିଲେ। ଏ ଅବସରରେ ବାର୍ଦ୍ଧକ୍ୟ , ବିକଳାଙ୍ଗ ଓ ବିଧବା ବର୍ଗର ୩୫ ଜଣ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏଥିରେ ହିତାଧିକାରୀମାନଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟ ଓ ସଭ୍ୟା, ଏନଏସି କର୍ମଚାରୀଗଣ ଉପସ୍ଥିତ।

# ସମାଜସେବୀ ସୀମା ମହାନ୍ତିଙ୍କ ବିୟୋଗରେ ଶୋକ

କୋରାପୁଟ, ୨୬।୨ (ନି.ପ୍ର): ଜଣେ ଭଲ ସାମାଜିକ ରାଜନୈତିକ ନେତାଙ୍କ ମୃତ୍ୟୁ ସମାଜ ପାଇଁ ଏକ ଦୁଖଃଦ ଏବଂ ଚ୍ୟାଲେଂି ଘଟଣା ପାଲଟିଛି। ତାହା ସମାଜ ପାଇଁ ଏକ ଶୂନ୍ୟସ୍ଥାନ ଛାଡିଯାଏ, ଯାହାକୁ ପୂରଣ କରିବା କଷ୍ଟକର ଏବଂ ସେବା କରିଥିବା ସଂପ୍ରଦାୟ ଦୂରଗାମି ପରିଣାମ ଆଣିଥାଏ, ସିଏ ଆଉ ନାହାନ୍ତି। ସିଏ ହେଉଛନ୍ତି ଜଣେ ଜଣାଶୁଣା ବହୁ ପରିଚିତ ସାମାଜିକ ଓ ରାଜନେତା ସୁନାବେଡା ଗଂଜାମ କଲୋଣିର ମହାନ୍ତି ପରିବାରର ବର୍ଷିୟାନ ସିମା ମହାନ୍ତି।



୧୯୬୪ ମସିହାରେ ଜନ୍ମ ଲାଭ କରିଥିବା ସିମା ମହାନ୍ତି, ଆଉ ସେ ଇହଧାମ ରେ ନାହାନ୍ତି। ସୁନାବେଡା ଗଂଜାମ କଲୋଣିରେ ତାଙ୍କର ଜୀବନି ଗଢି ଉଠିଥିଲା। ସେ ଜଣେ ପିଲାଟି ଦିନରେ ସଂଗ୍ରାମି ଥିଲେ। ଲୋକ ସେବା, ସମାଜ ସେବା ଓ ରାଜନୈତିକରେ ଅହମ ଭୂମିକ ଥିବା ନେଇ ସବୁ ବେଳେ ଲୋକଙ୍କ ଭିତରେ ଚର୍ଚ୍ଚାରେ ରହୁଥିଲେ। ସୁନାବେଡାପ୍ରତିଟି କୋଣ ଅନୁକୋଣରେ ନାମ ହିଛ କାଫି ଥିଲା। ସିମା ମହାନ୍ତି କହିଲେ, ଛୋଟ ଠାରୁ ବୁଢା ଯାଏଁ ସମସ୍ତେ ଜଣେ ଶୁଣା ରହିଥିଲେ। ସମସ୍ତଙ୍କ ସହିତ ସବୁ ବେଳେ ଭଲ କିମ୍ବା ମନ୍ଦରେ ଜଡିତ ରହି ଆସୁଥିଲେ। ତାଙ୍କରକ ମୃତ୍ୟୁ ହୃଦଘାତ ଜଣିତହୋଇଥିବା ନେଇ ଏକ ଦୁଖଃଦ ଘଟଣା ସୃଷ୍ଟି କରିଛି।ତାଙ୍କର ମୃତ୍ୟୁ ସମାଜ ପାଇଁଏକ ବ୍ୟାପକ ପ୍ରଭାବ ପକାଇଛି ଓ ସିମା ମହାନ୍ତି ନାମରେ ଶୂନ୍ୟସ୍ଥାନସୃଷ୍ଟି କରିଲା। ତାଙ୍କର ଦୃଢ ନେତୃତ୍ୱ ବିନା ସଂପ୍ରଦାୟ ଜଟିଳପ୍ରସଙ୍ଗ ଗୁଡିକୁ ସମାଧାନ କରିବା ଏବଂ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତି ନେବା ପାଇଁ ସଂଘର୍ଷ ହୋଇପାରେ। ସେ ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଲୋକ ସେବା ରେ ନିଜକୁ ନିୟୋଜିତ କରିଥିଲେ।

# ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କୁ ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୬।୨ (ନି.ପ୍ର): ଅଖିଳ ଭାରତୀୟ ଯୁବକଂଗ୍ରେସର ରାଷ୍ଟ୍ରୀୟ ସଭାପତି ଶ୍ରୀ ଉଦୟ ଭାନୁଚିବ୍‌ଙ୍କୁ ଦିଲ୍ଲୀ ପୋଲିସର ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତା ମାନେ ମାଷ୍ଟର କ୍ୟାଂଟିନ ଛକ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କର କୁଶପୁତଳିକା ଦାହକରି ପ୍ରତିବାଦ ଜଣାଇନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସଂନ୍ଧ୍ୟାରେ ଯୁବକଂଗ୍ରେସ କର୍ମକର୍ତ୍ତା ମାନେ କଂଗ୍ରେସ ଭବନ ଠାରୁ ଏକ ରାଲିରେ ବାହାରି ମାଷ୍ଟର କ୍ୟାଂଟିନ ଛକଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଯୁବ କଂଗ୍ରେସର କର୍ମୀ ମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରୀୟ ଯୁବକଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୋଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହିନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି। ଏହା ପୂର୍ବରୁ ମଧ




ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେଲହାଜତକୁ ପଠାଇଛି। ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍ ଦେଶର ଯୁବକ ଯୁବତୀ ଏବଂ କୃଷକ ମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି। କେନ୍ଦ୍ରର ମୋଦି ସରକାର ଏବେ ସଂପୂର୍ଣ୍ଣ ଭାବରେ ଆମେରିକା ପାଖରେ ନିଜକୁ ସମର୍ପଣ କରି ଦେଇଛି। ଆମେରିକା ସହ ଟ୍ରେଡିଂ କରି ଦେଶର ଅର୍ଥନୀତି ସହ ଦେଶର କୃଷିକ୍ଷେତ୍ର ଏବଂ ବ୍ୟବସାୟ କ୍ଷେତ୍ରକୁ ସଂକଟକୁ ଠେଲି ଦେଇଛି। ରାଷ୍ଟ୍ରୀୟ ସଭାପତି ଏହାକୁ ବିରୋଧ କରିବାରୁ ସାରା ଦେଶରେ ମୋଦି ସରକାରର ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କର ଅସଲ ଚେହେରା ଧରା ପଡ଼ିଯିବା ଭୟରେ ବିଜେପି ସରକାର ଭୟଭୀତ ହୋଇ ଆକ୍ରୋଶ ମୂଳକ ଭାବେ ଶ୍ରୀ ଚିବ୍‌ଙ୍କୁ ଗିରଫ କରିଛି। ଶ୍ରୀଚିବ୍‌ଙ୍କ ଗିରଫଦାରିକୁ ବିରୋଧ କରି ଯୁବ କଂଗ୍ରେସର କର୍ମକର୍ତ୍ତା ମାନେ ମୋଦି ଓ ଶାହାଙ୍କ ବିରୋଧରେ ନାରାବାଜି କରି ମାଷ୍ଟରକ୍ୟାଂଟିନ ଛକ ଠାରେ ଉଭୟଙ୍କର କୁଶପୁତଳିକା ଦାହ କରିବା ସହ ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍‌ଙ୍କ ଉପରେ ଲାଗିଥିବା ମିଥ୍ୟା ମକଦ୍ଦମାକୁ ତୁରନ୍ତ ପ୍ରତ୍ୟାହାର କରି ଯଥାଶୀଘ୍ର ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିବା ପାଇଁ ଦାବି କରିଛି। ଯଦି ମୋଦି ସରକାର ଏଭଳି ଆକ୍ରୋଶ ମୂଳକ ରାଜନୀତି ରୁଖାନ୍ତ ନ ରୁହନ୍ତି ତାହାଲେ ଆଗାମୀ ଦିନରେ ଯୁବକଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଯୁବକଂଗ୍ରେସ ପକ୍ଷରୁ ଚେତାବନି ଦିଆଯାଇଛି। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ସୁରଜ ରାଉତ, ଅମରେଶ ପରିଡ଼ା, ବିଶ୍ୱଜିତ ସ୍ୱାଇଁ, ସାହାରୁଖ ଖାନ, ସ୍ପନ୍ଦନ ସ୍ୱାଇଁ, ଆଶିଷ କୁମାର ମାହୁନ୍ତ, ସରୋଜ ବାରିକ, ପ୍ରଶାନ୍ତ ରାଉତଙ୍କ ସମେତ ବହୁ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୨୬।୨ (ନି.ପ୍ର): ଜିଲ୍ଲା କୋର୍ଟ ପରିସର ରେ ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ମାସ ୧୪ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲା ଆଇନ୍ ସେବା ପ୍ରଧିକରଣ ର ଭାର ପ୍ରାପ୍ତ ଶ୍ରୀ ପ୍ରଭାତ କୁମାର ରାଜଗୁରୁ ଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ଶ୍ରୀ ପୁଣ୍ୟ ଶ୍ଲୋକ ରଥ ଏହି ସୂଚନା ଦେଇ ଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରା ଯାଇପାରିବ, କେବଳ ବିଚାରଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ୍, ବ୍ୟାଙ୍କ ଋଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହାର ସୁବିଧା ଯେପରି ଲୋକମାନେ ପାଇ ପାରିବେ ଓ ଏହାର ପ୍ରଚାର ପ୍ରସାର ମଧ୍ୟାମ୍ ରେ ଅଧିକରୁ ଅଧିକ ଲୋକ ଉପକୃତ ହୋପାରିବେ, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନ ସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି।

# ଉତ୍ତରପ୍ରଦେଶ ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ

## ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୨ (ନି.ପ୍ର.): ଶ୍ରୀ ଜଗନ୍ନାଥ ମନ୍ଦିରର ଉଦଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ ମାତ୍ର ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି । ଏହି ଅବସରରେ ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ ।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି।

ସେ କହିଥିଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ବୋଲି ସେ ଉଲ୍ଲେଖ କରିଥିଲେ।ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ସେ ପ୍ରକୃତି ସଂରକ୍ଷଣ, ଗଙ୍ଗା ସ୍ୱଚ୍ଛତା ଓ ମାନବ ସେବା କ୍ଷେତ୍ରରେ ସ୍ୱାମୀଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ।

ସେ ଆହୁରି କହିଥିଲେ ଯେ ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ସେ ଆଶା ପ୍ରକାଶ କରିଥିଲେ ଯେ ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ।

ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ୍ ଶକ୍ତି ମନ୍ତ୍ରୀ ଶ୍ରୀ ସ୍ୱତନ୍ତ୍ର ଦେବ୍ ସିଂହ, ଓଡିଶାର ଆଡଭୋକେଟ ଜେନେରାଲ ଶ୍ରୀ ପିତାମ୍ବର ଆଚାର୍ଯ୍ୟ ଏବଂ ଶହ ଶହ ସାଧୁ ସନ୍ଥ ଯୋଗ ଦେଇଥିଲେ ।

## ୨୨୫ କୋଟିର ଗଞ୍ଜେଇ ତେଲ ଓ ୫ କୋଟି ଟଙ୍କାର ଗଞ୍ଜେଇ ଜବତ

ଭୁବନେଶ୍ୱର : ଆଜି କୋରାପୁଟ ଜିଲ୍ଲା ପୋଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଞ୍ଚଳରେ ଚାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ ବା ଗଞ୍ଜେଇ ତେଲ ଜବତ କରାଯାଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସେହିପରି ଅନ୍ୟଏକ ଚଢ଼ଉରେ ୫ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଡିଆଇଜି (ଦକ୍ଷିଣାଞ୍ଚଳ)ଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୋଜନାବଦ୍ଧ ଚଢ଼ାଉ କରାଯାଇଥିଲା। ଓଡ଼ିଶା–ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଞ୍ଚଳରେ ଚାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ ବା ଗଞ୍ଜେଇ ତେଲ ଜବତ କରାଯାଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

# 'ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ନୂତନ ଅଧ୍ୟାୟ'



ଜାମସେଦପୁର, ୨୬।୨ : ଝାଡଖଣ୍ଡ ଜାମସେଦପୁର ଠାରେ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ସମ୍ପନ୍ନ ହୋଇଛି ।

ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଚାରିଟେବୁଲ୍ ସେଣ୍ଟର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବ ନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚୟକୁ ଏକ ନୂତନ ଦିଶା ପ୍ରଦାନ କରିବ ।ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଏବଂ ତାଙ୍କର ଉପାସନା ଆମକୁ କରୁଣା, ଓ ଲୋକମଙ୍ଗଳର ଶାଶ୍ୱତ ସନ୍ଦେଶ ଦେଇଥାଏ । ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି । ଶ୍ରୀ ପ୍ରଧାନ ସମସ୍ତ ଝାଡ଼ଖଣ୍ଡବାସୀ ଏବଂ ଜଗନ୍ନାଥ ଅନୁଯାୟୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମାଜରେ ସମାନତା ଓ ଭାଇଚାରା ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମାନ୍ୟବର ରାଜ୍ୟପାଳ ଶ୍ରୀ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଙ୍କ ସଫଳ ପ୍ରୟାସ

## ଲିଙ୍ଗଗତ ଅଧିକାର ଓ କର୍ମସ୍ଥଳୀରେ କର୍ମଜୀବୀ ମହିଳା ଙ୍କ ସୁରକ୍ଷା ଶୀର୍ଷକ ବିଷୟ ଉପରେ ଆଲୋଚନାଚକ୍ର



ଅନୁଗୋଳ, ୨୬।୨ : ସ୍ଥାନୀୟ ବ୍ଲକ ଡ଼ାଇମଣ୍ଡହଲ ରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇ ଜି ଙ୍କ ପକ୍ଷରୁ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ।ଉତ୍ତର କେନ୍ଦ୍ରାଞ୍ଚଳ ଆଇ ଜି ସତ୍ୟବ୍ରତ ଭୋଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀ କୁ ଉଦ୍ଘାଟନ କରିଥିଲେ ।ସମାଜରେ ଲିଙ୍ଗଗତ ଅଧିକାରର ମହତ୍ତ୍ୱ ଏବଂ କର୍ମସ୍ଥଳୀ ରେ କର୍ମଜୀବୀ ମହିଳା ଙ୍କ ସୁରକ୍ଷା ଶୀର୍ଷକ ଦୁଇଟି ବିଷୟ ଉପରେ ହେଉଥିବା ଆଲୋଚନା ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ।ସମାରୋହରେ ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତର୍, ଏସପି ରାହୁଲ ଜୈନ, ଡେପୁଟି ଡାଇରେକ୍ଟର ପ୍ରୋସିକ୍ୟୁସନ୍ ଗଣେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।ବିଶେଷଜ୍ଞ ବକ୍ତା ରୂପେନମ୍ରତା ଚଢ଼ା ଯୋଗ ଦେଇ ଲିଙ୍ଗଗତ ଅଧିକାର ଉପରେ ସବିଶେଷ ତଥ୍ୟ ରଖିଥିଲେ। ସମାଜରେ ଲିଙ୍ଗଗତ ବିଭେଦ କୁ କିଭଳି ଦୂର କରାଯିବ ଏବଂ ଏଥିନେଇ ଉପୁଜୁଥିବା ସମସ୍ୟା କୁ କିଭଳି ଦୂର କରାଯିବ ସେଥିନେଇ ଶ୍ରୀମତୀ ଚଢ଼ା ବିଶେଷ ବ୍ୟାଖ୍ୟା କରିଥିଲେ ।ସେହିଭଳି ଅନ୍ୟତମ ବକ୍ତା ତଥା ଆଇନ ବିଶେଷଜ୍ଞ ଟି ସୁମନ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନ ଏବଂ ଅନ୍ୟାନ୍ୟ ସମସ୍ୟା ଓ ଏହାର ଆଇନଗତ ମୁକାବିଲା କିପରି ହେବ ତାହା ବୁଝାଇଥିଲେ ।ସମ୍ମିଳନୀ ରେ ୧୮୦ ବିଭିନ୍ନ ବିଭାଗ ଓ କର୍ପୋରେଟ ହାଉସ ର ପ୍ରତିନିଧି ଯୋଗ ଦେଇଥିଲେ ।ଡି ଏସ ପି ରାଜୀବ ଲୋଚନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଦ୍ୱାରା ବାର୍ଷିକ ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ ସମ୍ମେଳନ ଆୟୋଜିତ

କଳିଙ୍ଗନଗର, ୨୬।୨ (ନି.ପ୍ର.): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଙ୍କ ଦ୍ୱାରା ଦାନଗଦି ଠାରେ "ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ"ପ୍ରକଳ୍ପର ବାର୍ଷିକ ସମ୍ମଳନ ବହୁତ ଉତ୍ସାହ ଓ ଉଦ୍ଦୀପନା ସହିତ ଆୟୋଜିତ ହୋଇଯାଇଛି। "ମୋ ଗାଁ, ସ୍ୱଚ୍ଛ ଗାଁ"ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି, ଧୁଳିଗଡ଼ ଓ ମାନପୁର ଗ୍ରାମର ପ୍ରାୟ ୨୦୦ ଜଣ ମହିଳା ସଦସ୍ୟାଙ୍କ ସହ ସ୍କୁଲ୍ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ଏହି ଅବସରରେ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ସେଠୀ ଓ ଜିନ୍ଦଲ ଷ୍ଟେନଲେସର ଯାଜପୁର କାରଖାନା ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ପାରମ୍ପରିକ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା।

ଶ୍ରୀ ଦୀପକ ଅଗ୍ରୱାଲ ତାଙ୍କ ଉଦ୍‌ବୋଧନରେ ମହିଳା ସଦସ୍ୟାମାନଙ୍କୁ ପରିବେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବାକୁ ଆହ୍ୱାନ କରିଥିଲେ, ଯାହା ରୋଗ ପ୍ରକୋପକୁ ରୋକିବାରେ ସହାୟକ ହେବ । ସେ ଏହି ପ୍ରକଳ୍ପର ସଫଳ କାର୍ଯ୍ୟ କାରିତା ଉପରେ ସନ୍ତୋଷ ବ୍ୟକ୍ତ କରି ପ୍ରକଳ୍ପ ରେ ଗୋଷ୍ଠୀ ସମୁଦାୟର ସଂଯୁକ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ପ୍ରଦୀପ କୁମାର ସେଠୀ ତାଙ୍କ ଅଭିଭାଷଣରେ କଲେରା ପରି ସ୍ୱଚ୍ଛତା-ସମ୍ବନ୍ଧୀୟ ରୋଗ ଗୁଡିକର ପ୍ରତିରୋଧ ପାଇଁ ଗ୍ରାମ୍ୟ ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିବା ସହିତ ଗ୍ରାମ୍ୟ ମହିଳା ମାନଙ୍କର ସହ ଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମୀଣ ଗୋଷ୍ଠୀ ସମୁଦାୟଙ୍କ ମଙ୍ଗଳ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଙ୍କ ପ୍ରଶଂସନୀୟ ପଦକ୍ଷେପକୁ ସେ ସ୍ୱାଗତ କରିଥିଲେ।

ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ (ଏଜିଏ) ଆୟୋଜିତ ଚର୍ଚ୍ଚା ଆଲୋଚନାରେ ଜିଲ୍ଲା ସ୍ୱଚ୍ଛତା ସମନ୍ୱୟକାରୀ ଶ୍ରୀ ମାନସ ରଞ୍ଜନ ସାହାଣୀ, ଦାନଗଦି ବ୍ଲକ ରିସୋର୍ସ କୋଓର୍ଡିନେଟର୍ ଶ୍ରୀ ଦୀପ୍ତିମନ୍ତ ମଲ୍ଲିକ, ସିଏସଆର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ରଥ ଓ ପରିବେଶ ମୁଖ୍ୟ ଶ୍ରୀମତୀ ମୈତ୍ରେୟୀ ଦେବ ଅଂଶଗ୍ରହଣ କରିଥିଲେ। ସେମାନେ ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ସଫଳ ପରିଚାଳନା ରେ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ମୂଳ ଭୂମିକା ଓ ସରକାର ଓ ଏସଏଚଜି ମଧ୍ୟରେ ଦୃଢ଼ ଭାଗିଦାରିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦୀର୍ଘକାଳୀନ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ସିଏସଆର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ରଥ ଜିନ୍ଦଲ ଷ୍ଟେନଲେସ୍ ଫାଉଂଡେସନ ଙ୍କ ଦ୍ୱାରା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କୁ ସଂଶ୍ଳିଷ୍ଟ କରାଇ ଶୋଲେଇ ଗ୍ରାମରେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସଫଳତାର ସହିତ ଆରମ୍ଭ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ।

ଏହି ଅବସରରେ ଶୋଲେଇ ଗ୍ରାମ ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ଶ୍ରୀମତୀ ସୀମା ରାଣୀ ଲେଙ୍କା ସୋଲେଇ ଗ୍ରାମକୁ ସ୍ୱଚ୍ଛ ଓ ସବୁଜ ଗ୍ରାମରେ ପରିଣତ କରିବାରେ ଏସଏଚଜି ସଦସ୍ୟାଙ୍କ ଭୂମିକା ବିଷୟରେ ଏକ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ । ଏହାସହ ଶ୍ରୀମତୀ ସସ୍ମିତାବାଳଓ ସାମଲ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କ ଦ୍ୱାରା ସଫଳ ଭାବେ କରାଯାଉଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ଅନ୍ୟ ଏକ ଅନୁଭବ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କ ଦ୍ୱାରା ଗ୍ରାମୀଣ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧିତ ଏକ ନାଟିକା ପ୍ରଦର୍ଶିତ ହୋଇଥିଲା ଓ ଶୋଲେଇ ଏବଂ ସିଙ୍ଗାଗଡ଼ିଆ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଶିଷ୍ଟ ଅତିଥିମାନଙ୍କୁ ଉପଢୌକନ ସହ ସମ୍ମାନିତ କରାଯାଇଥିଲାବେଳେ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୋଲେଇ ଗ୍ରାମରେ ସ୍ୱଚ୍ଛ ସାଥୀ ଭାବେ କାମ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀ ର ସଭ୍ୟା ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ସିଏସଆର ବିଭାଗ ର ବରିଷ୍ଠ ପ୍ରବନ୍ଧକ ଶ୍ରୀ ତପନ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ବିଗତ ତିନି ବର୍ଷରେ କରାଯାଇଥିବା ପ୍ରକଳ୍ପର ବିଭିନ୍ନ ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସହ ପ୍ରବନ୍ଧକ ଶ୍ରୀ ରାମେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ (ଏଜିଏ) ସ୍ୱେଚ୍ଛାସେବି ସଂସ୍ଥାର ର ଶ୍ରୀମତୀ ସୁସ୍ମିତା ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀର ପ୍ରଶାସନ, କର୍ପୋରେଟ୍ କମ୍ୟୁନିକେଶନ୍, ପରିବେଶ ଓ ମାନବ ସମ୍ବଳ ବିଭାଗର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପୁନଃଚକ୍ରାୟନ ହୋଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ରୁ ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା ଓ

ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏହାର ସିଏସଆର ବିଭାଗ ମାଧ୍ୟମରେ ଦାନଗଦି ପଂଚାୟତ ସମିତି ଅଧିନସ୍ଥ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି ଗ୍ରାମ ଏବଂ ଦାନଗଦି ବଜାରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରି କରି ଆସୁଅଛି ।

# ନିମଖଣ୍ଡି ଥାନା ପକ୍ଷରୁ ସଡକ ସୁରକ୍ଷା ସଚେତନତା

କୁକୁଡାଖଣ୍ଡି, ୨୩/୨ :ଲୋଚାପଡା ରୋଡ ସ୍ଥିତ ଶକ୍ତିନଗର ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ ନିକଟରେ ନିମଖଣ୍ଡି ଥାନା ପକ୍ଷରୁ ସଡକ ସୁରକ୍ଷା ଓ



ଟ୍ରାଫିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା, ଟ୍ରାଫିକ ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜଙ୍କ ସମେତ ଅଂଚଳର ବହୁ ବରିଷ୍ଠ ନାଗରିକ ଯୋଗ ଦେଇ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନତ କରାଯାଇଥିଲା । ଦୁଇ ଚକିଆ ଯାନ ଚଲାଇବା ସମୟରେ ହେଲମେଟ୍ ବ୍ୟବହାର କରିବା, ଚାରି ଚକିଆ ଯାନରେ ବସିବା ସମୟରେ ସିଟ୍ ବେଲଟ୍ ପରିଧାନ କରିବା, ମଦ୍ୟପାନ କରି ଗାଡି ନ ଚଲାଇବା, ଗାଡି ଚାଳନା ସମୟରେ ମୋବାଇଲରେ କଥା ନହେବା, ଦୁଇ ଚକିଆ ଯାନରେ ତିନିଜଣ ନ ବସିବା, ଦ୍ରୁତ ଗତିରେ ଗାଡି ନଚଲାଇବା, ଓଭର୍ଟ ?କ ନକରିବା ଆଦି ବିଷୟରେ ଯାତ୍ରୀମାନଙ୍କୁ ସଚେତନ କରିଥିଲେ । ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ମାନି ଯେଉଁ ବାଇକ ଚାଳକମାନେ ହେଲମେଟ୍ ବ୍ୟବହାର କରି ରାସ୍ତାରେ ଯାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା ।

# ରେଳ ଫାଟକ ବନ୍ଦ ଯୋଗୁଁ ନାହିଁ ନଥିବା ଅସୁବିଧା



ରାଜଗାଙ୍ଗପୁର, ୨୬।୨ (ନି.ପ୍ର.): ରାଜଗାଙ୍ଗପୁର ଜନସାଧାରଣ ଙ୍କ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଥିବା ଡାଲମିଆ ସିମେଣ୍ଟ କାରଖାନା ର ମାଲ ପରିବହନ ରେଳ ଚଳାଚଳ ବାରମ୍ବାର ଫାଟକ ବନ୍ଧ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସୁତାମିଲ, ସୁବାଷ ଛକ ବଜପାୟୀ ଛକ ଠାରେ ପ୍ରତିଦିନ ବେ ସମୟରେ ରେଲବାଇ ଫାଟକ ବନ୍ଧ ଯୋଗୁଁ ସାଧାରଣ ଲୋକେ ଙ୍କ ଯାତାୟତ, ଆମ୍ବୁଲାନ୍ସ ସେବା,ରୋଗୀ, ସ୍କୁଲ କଲେଜ ଶିକ୍ଷା ଅନୁଷ୍ଠାନ ର ଛାତ୍ର ଛାତ୍ରୀ, ତହସିଲ ବିଡ଼ିଓ କୋର୍ଟ କାର୍ଯ୍ୟାଳୟ ରେ କାମ କରୁଥିବା ଅଧିକାରୀ କର୍ମଚାରୀ ସାଧାରଣ ନାଗରିକ ବିଭିନ୍ନ ୱାର୍ଡ ଓ ପଞ୍ଚାୟତ ଗ୍ରାମବାସୀ ଙ୍କ ବହୁ ମୂଲ୍ୟବାନ ସମୟ ରେଳ ଫାଟକ ଠାରେ ଅତିବାହିତ କରୁଥିବା ଅଭିଯୋଗ ସହ ରେଳ ଫାଟକ ଉଭୟ ପାଶ୍ୱର୍ରେ ଖରା ବର୍ଷା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାଲମିଆ ସିମେଣ୍ଟ କାରଖାନା ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ତାହା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିଲା ନାହିଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ଜନଶୁଣାଣି ସମୟରେ ଅଭିଯୋଗ କରି ନିରାଶ ହୋଇ ହୋଇଥବା ଜଣାପଡ଼ିଛି। ଯଥା ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

ଅନୁଗୋ, ୨୬।୨ (ନି.ପ୍ର.: ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ନିଜର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ପଦାର୍ପଣ କରୁଥୁବାର ଆବେଗ ଓ ସ୍ମୃତିମୟ ମୁହୂର୍ତ୍ତ କେବଳ ଅନୁଗୁଳ ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟରେ ବ୍ୟବସାୟିକ,ଉଦ୍‌ଯୋଗ ସେବାରେ ଐତିହାସିକ ୫୦ ବର୍ଷର ଉଜ୍ଜଳ ଅବଦାନକୁ ଉତ୍ସବମୟ ଭାବେ ସ୍ମରଣ କରୁଅଛି। ଓ ସମାଜ ଏହି ଐତିହାସିକ ଅବସରରେ ଆମ୍ଭର ଲୋକପ୍ରିୟ ନେତା ଅନୁଗୋଳ ମାଟିର ଗର୍ବ ଓ ଗୌରବ ତଥା ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ବିଶିଷ୍ଟ ଅତିଥି ? ଭାବେ ସମ୍ପଦ ଚରଣ ସ୍ୱାଇଁ (ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ,ଓଡିଶା ସରକାର) ଗୋକୁଳାନନ୍ଦ ମଲ୍ଲିକ (ମତ୍ସ୍ୟ ଓ ପ୍ରାଣୀସମ୍ପଦ,ଛୋଟ ଓ ମଧ୍ୟମ ଉଦ୍‌ଯୋଗ ମନ୍ତ୍ରୀ,ଓଡିଶା ସରକାର) ଓ ଗାରିମାମୟ ଉପସ୍ଥିତି ରୁଦ୍ରନାରାୟଣ ପାଣି (ମାନ୍ୟବର ସାଂସଦ,ଢେଙ୍କାନାଳ ଲୋକସଭା) ପ୍ରତାପଚନ୍ଦ୍ର ପ୍ରଧାନ(ମାନ୍ୟବର ବିଧାୟକ,ଅନୁଗୁଳ) ଅଶୋକ କୁମାର ମହାନ୍ତି (ମାନ୍ୟବର ବିଧାୟକ,ପାଲଲହଡା) ବ୍ରଜକିଶୋର ପ୍ରଧାନ (ମାନ୍ୟବର ବିଧାୟକ,ତାଳଚେର) ଅଗସ୍ତି





ବେହେରା (ମାନ୍ୟବର ବିଧାୟକ,ଛେଣ୍ଡିପଦା) ନଳିନୀକାନ୍ତ ପ୍ରଧାନ (ମାନ୍ୟବର ବିଧାୟକ,ଆଠମଲ୍ଲିକ) ଉପସ୍ଥିତ ରହିବେ ।

ଏହି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅୟୋଜିତ କରାଯାଇଅଛି।

ଏହି ସମାରୋହରେ ଲୋକପ୍ରିୟ କଣ୍ଠ ଶିଳ୍ପୀ ଶ୍ରୀ ଶଶାଙ୍କ ଶେଖର ଏବଂ ଭାଗ୍ୟଶ୍ରୀ ମହାନ୍ତି ତାଙ୍କ ଟିମ୍ ଦ୍ୱାରା ସଙ୍ଗୀତ ପରିବେଷଣ ଓ ପ୍ରସିଦ୍ଧ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଙ୍କ ସହିତ ବହୁ ଜଣାଶୁଣା କଳାକାର ନିଜନିଜର ପ୍ରତିଭା ପରିବେଷଣ କରିବେ ।

ଏହି ସମାରୋହ ରେ ଜିଲ୍ଲା ର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତଥା ସମଗ୍ର ଜିଲ୍ଲାର ସମସ୍ତ ବ୍ୟବସାୟୀ ବନ୍ଧୁ ମାନେଉପସ୍ଥିତ ରହି ଉତ୍ସବକୁ ଅଧିକ ଗୌରବାନ୍ୱିତ କରିବେ ।ଉକ୍ତ କାର୍ଯ୍ୟକ୍ରମ ଦିବା ୧୦ ଘଟିକା ସମୟ ରୁ ଆରମ୍ଭ ହୋଇ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ସମାରୋହ ଅନୁଷ୍ଠିତହେବ । ଏହି ଐତିହାସିକ ଉତ୍ସବ କେବଳ ସଂସ୍ଥାର ସମୃଦ୍ଧ ପରମ୍ପରା ଓ ସାମୂହିକ ସାଧନାକୁ ସମ୍ମାନ ଜଣାଇ ସମାବେଶୀବିକାଶ ଓ ପ୍ରଗତିଶୀଳ ଉନ୍ନତି ପ୍ରତି ତାହାର ଦୃଢ଼ ସଙ୍କଳ୍ପକୁ ମଧ୍ୟ ପୁନରୁଦ୍ଧାର କରେ। ଏହି ସ୍ମରଣୀୟ ଉତ୍ସବରେ ଅଂଶଗ୍ରହଣ କରି ଏହାର ଗୁରୁତ୍ୱକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରେସ ଓ ଇଲେକଟ୍ରୋନିକ ମିଡିଆ ଭାଇ ମାନଙ୍କୁ ସସ୍ନେହ ଆମନ୍ତ୍ରଣ କରୁଅଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ଜୈନ୍, ସଭାପତି ଦୀପକ ବର୍ମା, ସମ୍ପାଦକଶୋକ କୁମାର ମୋଦୀ, କୋଷାଧ୍ୟକ୍ଷ ବିକାଶ ପୋଦାର, ମୁଖ୍ୟସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଉପସଭାପତି ବିକ୍ରମ ଅଗ୍ରୱାଲ ଓ ସୁବାଷ ପ୍ରଧାନ ଏବଂ ସହ ସମ୍ପାଦକ ଶେକରଫିକ୍ ଆଦି ଉପସ୍ଥିତ ଥିଲେ ।

## ଜନସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୬।୨ (ନି.ପ୍ର.) ରାଜଗାଙ୍ଗପୁର ପୈରପରିଷଦ ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶେଷ କରି ଗ୍ରୀଷ୍ମ ଋତୁ ଓ ବର୍ଷା ଋତୁରେ ମାପ କାମୁଡ଼ା ଯୋଗୁ



ଲୋକେ ସଚେତନ ଅଭାବରୁ ମୃତ୍ୟୁ ବରଣ କରୁଥିବା ସମ୍ବନ୍ଧରେ ପୌରପରିଷଦ ସଭାଗୃହରେ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ମାପ କାମୁଡ଼ା ପରେ କି ପ୍ରକାର ପଦକ୍ଷେପ ନେବାକୁ ସଚେତନ କରାଇଥିଲେ। ଏହି ଅବସରରେ ରାଜଗାଙ୍ଗପୁର ପୈରପରିଷଦ ବରିଷ୍ଠ ଅଧିକାରୀ କର୍ମଚାରୀ।ବଣ ବିଭାଗୀୟ ଅଧିକାରୀ। ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ,ଜଳ ଯୋଗାଣ ବିଭାଗ, ସରକାରୀ ପଶୁ ଡାକ୍ତର ଏବଂ ସମ୍ବନ୍ଧିତ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତିରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ପ୍ରତିକାର ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

# ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର : ମାଲପଡା ନାଗରିକ କମିଟିର ଏକ ବିଶେଷ ଅଧିବେଶନ ସଭାପତି ଗୋପବନ୍ଧୁ ପୁରୋହିତ ଙ୍କ ଅଧକ୍ଷତାରେ ହୋଇଥିଲା। ଏହି ସଭାରେ ପଡାର ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଆଲୋଚନା କରାଯାଇଥିଲା । ଏହା ବ୍ୟତିତ ମାଲପଡା ଅଂଚଳର କେତେକ ସଦସ୍ୟ ନାଗରିକ କମିଟି ବଲାଙ୍ଗିର ର ନିର୍ବାଚନରେ ଭାଗ ନେଇ ଜୟଯୁକ୍ତ ହୋଇଥିବାରୁ ନୂତନ ନିର୍ବାଚିତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ନିମନ୍ତ୍ରିତ ଅତିଥି ଭାବରେ ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଭାକର ମିଶ୍ର ଯୋଗଦାନ କରିଥିଲେ ଓ ନୂତନ ନିର୍ବାଚିତ ସଦସ୍ୟମାନଙ୍କୁ ପ୍ରଭାକର ମିଶ୍ର ଓ ପଡାର କାଉନସିଲର ମହେନ୍ଦ୍ର କୁମାର ବାଗ ସମ୍ବର୍ଦ୍ଧିତ କରିଥିଲେ । ନୂତନ ନିର୍ବାଚିତ ସଦସ୍ୟ ହେଲେ ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ତ୍ରିନାଥ ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବରେ ପ୍ରଫେସର ତରୁଣ କୁମାର ମିଶ୍ର, ପ୍ରଦୀପ କୁମାର ସାହୁ, ପ୍ରକାଶ ନେପାକ, ଚନ୍ଦ୍ରମଣି ଭାଟି, ମୋତିଲାଲ ସାହୁ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ କମିଟିର ସଂପାଦକ ପଂଚାନନ ସେଠ, କୋଷାଧ୍ୟକ୍ଷ ଦିବାକର ହୋତା, ବରିଷ୍ଠ ସଭ୍ୟ ଆକୁଳ ବେହେରା, ବିମଳ କୁମାର ଚକ୍ରବର୍ତ୍ତୀ, ଦେବଜିତ ଯୋଷୀ, ଅମୀୟ କୁମାର



ମିଶ୍ର, ଗଣେଷ ବେହେରା, ସୂର୍ଯ୍ୟଭାନୁ ମିଶ୍ର, ପ୍ରଦୀପ ନେପାକ, ସନ୍ତୋଷ ଅଗ୍ରୱାଲା, ସୁରେଶ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ସାହୁ । ଶେଷରେ ଅଶୋକ କୁମାର ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ